# ଗୀତି ମାଳା

# ଗୀତିମାଳା

ଲେଖକ
ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର
ଓ
ପଣ୍ଡିତ ରଘୁନାଥ ମିଶ୍ର

ପ୍ରଥମ ପ୍ରକାଶ
୧୯୬୧

ପ୍ରକାଶକ
ଆଲୋକ-ସାହିତ୍ୟ-ପ୍ରତିଷ୍ଠାନ
-କଟକ-

ମୂଲ୍ୟ—ଏକ ଟଙ୍କା ପଚିଶ ନୂଆ ପଇସା

# ସୂଚୀ


| ବିଷୟ | | ପୃଷ୍ଠା |
|---|---|---|
| ୧ । ନବ ଜାଗରଣ | ... | ୧ |
| ୨ । ଅନ୍ଧ ପିଲା | ... | ୩ |
| ୩ । ସୂର୍ଯ୍ୟମୁଖୀ | ... | ୪ |
| ୪ । ନିଦାଘ ସରସୀ | ... | ୬ |
| ୫ । କୋଇଲି | ... | ୮ |
| ୬ । ମାତୃମୂର୍ତ୍ତି | ... | ୧୦ |
| ୭ । ଝାଇ | ... | ୧୩ |
| ୮ । ଅନାଥ ଶିଶୁ | ... | ୧୫ |
| ୯ । ଋଷିକୁମାରୀ ମିନତି | ... | ୧୭ |
| ୧୦ । ଜଣ୍ଟିଧନ-ସାଥୀ | ... | ୧୯ |
| ୧୧ । କନକା ନୃପ କୁମାରୀ | ... | ୨୧ |
| ୧୨ । ଆରାଧ୍ୟ | ... | ୨୪ |
| ୧୩ । ମୁଣ୍ଡବଳି | ... | ୨୭ |
| ୧୪ । ଭିକ୍ଷାଦେବେ କାହୁଁ | ... | ୩୧ |
| ୧୫ । ମା ନା ଦେଶ ? | ... | ୩୩ |
| ୧୬ । ଅମର ବାଳକ | ... | ୩୫ |
| ୧୭ । ମର୍ତ୍ତ୍ୟେ ନାହିଁଛୁ ଏକା | ... | ୩୮ |
| ୧୮ । ବୁଜିଦେଲି ଆଖି | ... | ୪୪ |

| ବିଷୟ | | ପୃଷ୍ଠା |
|---|---|---|
| ୧୯ । ଭଞ୍ଜପୁର ନ୍ୟାୟ | ... | ୪୭ |
| ୨୦ । ମଧୁସୂଦନ | ... | ୫୧ |
| ୨୧ । ଗଡ଼ରକ୍ଷା | ... | ୫୩ |
| ୨୨ । ପିଲ୍ଟି | ... | ୫୮ |
| ୨୩ । ଯାମସେଦପୁରେ | ... | ୬୩ |
| ୨୪ । ମଗ୍ନଳ ଦମ୍ପତି | ... | ୬୫ |
| ୨୫ । ସୈନକର ସମ୍ମାନ | ... | ୬୭ |
| ୨୬ । ସ୍ୱର୍ଣ୍ଣପରେ | ... | ୬୯ |
| ୨୭ । ରାଜାଙ୍କ ମାଂସ ଦାନ | ... | ୭୩ |
| ୨୮ । କାଶିଆ କପିଳା ଭେଟ | ... | ୭୬ |
| ୨୯ । ଆତ୍ମା ମୋର ଗଣ୍ଠିଧନ | ... | ୮୦ |
| ୩୦ । ପଦରଜ ମାଗ | ... | ୮୨ |
| ୩୧ । ସାନ୍ଧ୍ୟତାରା | ... | ୮୬ |
| ୩୨ । ପୋଜ ଏ ପଟକ | ... | ୮୮ |
| ୩୩ । ଧନର ଗଡ | ... | ୯୨ |
| ୩୪ । ବଡ଼ଠାକୁର | ... | ୯୫ |

# ନର-ନାରାୟଣ

ନିଦଭରେ ଗଣପତି ଶୋଇଥିଲେ ଦିନେ,
ନିଶୀଥ ସପନରୁ ଉଠି ବସିଲେ ଆସନେ ।
ଦେଖନ୍ତି ପ୍ରକୋଷ୍ଠ ମଧ୍ୟ ରଜତ ଉଜଳ,
ପୂର୍ଣ୍ଣ ପ୍ରସ୍ଫୁଟିତ ନବ କୁମୁଦରୁ ବଳ,
ତଳପ ସମୀପେ ତାଙ୍କ ହୋଇଛନ୍ତି ଉଭା
କନକ ପୁସ୍ତକ କରେ ଋଷିଜନ କିବା ।
ଗୃଳନ୍ତି ଲେଖନୀ ଧୀରେ ଉଦାସ ଅନ୍ତରେ,
କି ଲେଖନ୍ତି ସେ ପୁସ୍ତକେ ସେହୁ ଥରେ ଥରେ ।
ପ୍ରଶାନ୍ତ ମୂରତି ତାଙ୍କ ନିରେଖି ନୟନେ,
ପୁଚ୍ଛିଲେ ନିର୍ଭୟେ ଗଣପତି ଋଷିଜନେ—
"କି ଲେଖିଛ ?" ଋଷି ତହୁଁ ଟେକି ଧୀରେ ଶିର,
ସୁଧା ଢଳଢଳ ନେତ୍ରେ ଭାଷିଲେ ଉତ୍ତର—
"ବିଭୁଙ୍କ ପଦରେ ଯେତେ ଏ ଜଗତ ଜନ
ସେନେହେ ନୁଆଁନ୍ତି ମଥା, ଲେଖେ ତାଙ୍କ ନାମ ।"
"ମୋ ନାମ ଲେଖିଛ ?" ପୁଚ୍ଛାକଲେ ଗଣପତି,
"ନାହିଁ, ଲେଖିନାହିଁ," ଋଷି କହିଲେ ଲେଉଟି ।

ନୈରାଶ୍ୟେ ନଇଁଲା ମସ୍ତକ, ତେବେ ଭାତେ ମୁଖେ
ଆଶା ଜ୍ୟୋତି, ଗଣପତି ବଖାଣିଲେ ସୁଖେ—
"ଏତିକି ମାଗୁଣି ପଦେ, ଲେଖ ପ୍ରଭୁ ମୋରେ—
'ଏ ଜଣେ, ସେନେହେ ଯେହୁ ଯେବେ ନାସ୍ତି ନରେ' ।"
ଲେଖିସାରି, ଋଷି ତହୁଁ ହେଲେ ଅନ୍ତର୍ଦ୍ଧାନ,
ନିଶୀଥେ ଆସିଲେ ପୁଣି ତହୁଁ ଆରଦିନ ।
ଶ୍ରୀଅଙ୍ଗ କରଣ ଝଳ ମଣ୍ଡିଲ ଅବନୀ,
ଦେଖାଇଲେ ହାତେ ସ୍ୱର୍ଣ୍ଣ ପୁସ୍ତିକାଟି ଯେନ ।
ବିଭୁଙ୍କ ପଦ୍ମରେ ଯେତେ ଏ ଜଗତ ଜନ
ସେନେହେ ଲୁଆଁନ୍ତି ମଥା, ସେ ସଭିଙ୍କ ନାମ ।
ସର୍ବୋପରି, ଗଣପତି ଦେଖନ୍ତି ଚକିତ,
ନିଜ ନାମ ଲେଖା ଅଛି କନକ-ଅଙ୍କିତ ।

# ଅନ୍ଧ ପିଲା

କି ଦ୍ରବ୍ୟ ଆଲୁଅ　　କହ ତୁମେ ସର୍ବେ
ମୁଁ ତ ଜାଣିପାରୁ ନାହିଁ,
ଚକ୍ଷୁ ଥିଲେ ଶତ୍ରେ　　କି ସୁଖ ଉପୁଜେ,
ଏ ଅନ୍ଧରେ ଦଅ କହ ।
ଦେଖୁଛ ବଚସ　　ଛବ ବୋଲି କହ,
ଉଜ୍ଜଳ ତପନ ଶିଖା,
ମୁଁ ଭୋଗେ ତପତି　　ତାର, ସେ କେମନେ
ଦିନ ରାତି ପାରେ କରି ?
ମୋ ଦିନ ରାତି ତ　　ନିଜେ ମୁଁ କରୁଛି
ଖେଳ ନିଦ୍ରା ଅନୁକ୍ରମେ;
ଏ ସାରା ଜୀବନେ　　ନ ଶୁଅନ୍ତି ଯେବେ,
ରାତି କି ହୁଅନ୍ତା ଦିନେ ?
ମୋ ଲାଗି ଦୁଃଖିତେ　　ଖତ୍ରିତ ନରବେ
ଶୁଣୁଛି ବିଷାଦେ ମୁହିଁ;
ଜାଣିନି ଯେ ସୁଖ,　　ହରାଇ ତାରେ, ମୁଁ
ମିଛେ କାହିଁ ହେବି ଦୁଃଖୀ ?
ଭାଗ୍ୟେ ଲେଖି ନାହିଁ　　ବସ୍ତୁ ଯା, ତଅର୍ଥେ,
ଝୁରିବି କପାଇଁ ତାରେ ?
ଗାଉଥିଲାଯାଏ　　ଏ ଗୀତ, ରଜା ମୁଁ
ଅନ୍ଧ ପିଲାଟିଏ ହେଲେ ।

# ସୂର୍ଯ୍ୟମୁଖୀ

କେତେ ତରୁଲତା ଉପବନେ ଏଥି
ଶ୍ୟାମଳ ସୁବେଶେ ବିକଶନ୍ତି ନିତି ।
ତାଙ୍କ ଡାଳେ ଝରି ପଡ଼ଇ ମାଧୁରୀ,
ଉଚ୍ଛୁଳଇ ଯହ୍ନ କଣ୍ଠରୁ ସ୍ୱର ।
ସୁଧାସ୍ରୋତ ସମ ବହଇ ସମୀର
କୁଞ୍ଜୁ କୁଞ୍ଜେ ଗୀତ ଖେଳାଇ ରୁଚିର ।
ଡାଳେ ଡାଳେ ପତ୍ର ଶ୍ୟାମଳ ଗହଳେ
ଲୁଚି ପରଭୃତ ଗାଏ କି ମଧୁରେ ।
ଏ ସକଳ ମେଳେ ଛବିଳ ମଣ୍ଡନେ
ରହିଛୁ ରେ ଫୁଲ, କି ଗୂଢ଼ ଧିଆନେ ?
ରାତି ଉଜାଗରେ ବସୁ ତୁ ଅନାଇଁ
ଊଷା-ଅଙ୍କେ ରବି ଉଇଁବାର ପାଇଁ ।
ପାହାନ୍ତ ତପନ ପାଟଳିମା ଶିରୀ,
କି ଅଛି ମହୀରେ ହେବ ତାର ସରି ?
ତହିଁ ତୁ ପୁଲକେ ପରାଣ ନିବେଶି,
ସେ ଶୋଭା-ସମ୍ଭାରେ ନିତି ଯାଉ ମିଶି ।
ଉଚ୍ଚ ଉଚ୍ଚେ ରବି ଯାଏ ଅପସରି,
ତା ତୁଲେ ଢଳଇ ତୋ ବଦନ ଶିରୀ ।
ସେ ରବି ହୋସର ପ୍ରତୀଚୀ ଭୂଧରେ
ପାଟଳ ହିଲ୍ଲୋଳେ ବୁଡ଼ିଯିବା ବେଳେ
କି ଗ୍ଲାନି ତ୍ୱରିତେ ଘେନ ତୋ ମେଲୁଣି,
ରାତି ଉଜାଗରେ ବସିରହୁ ପୁଣି ।
ଧନ୍ୟ ଧନ୍ୟ ରବି ରୂପ ଅନୁସରି,
ପୂରବୁଁ ପଶ୍ଚିମେ ଯାଉ ଢଳି ଢଳି ।

ଏ ଯେ ଏ ମରତେ ସରଗ-ସମ୍ଭାର,
ଫଗୁଣ ଫୁଲଙ୍କ ସୁଖେ ଖେଳବାର;
ଢନେ କି ମନୁ ମୁଁ ପାରିବ ବିଚାର ?
ରହିବ କେମନ୍ତେ ମୁରୁଛି ଏ ଶିଶୁ ?
ଗୋଲାପ, ମନ୍ଦାର, ବକୁଳ, ମାଳତୀ,
ଯୂଈ, ଜାଈ, ମଲ୍ଲୀ, ନଆଳୀ, ସେବତୀ—
କେତେ କେତେ ଫୁଲ ମଧୁ ସଉରଭେ
ଉପବନେ ଏଥି ନାଚନ୍ତି ଗରବେ ।
ଗୋଟିରୁ ଗୋଟିଏ ବଳି ବିମୋହନ
ବନଦେଶେ କିବା ଛବି ଅତୁଳନ !
ଗୋଟି ଗୋଟି ହୋଇ ଖେଳି କଣଳସ୍ତୁ,
ଉଡ଼ାଇ ଦିଅନ୍ତି ସୁରଭି ମଳୟେ ।
ଏସବୁରୁ ବଳି ମଧୁର ଆତୁର,
ତୋ ବଦନ ଧୀର ବିନମ୍ର ମାଧୁରୀ,
ଏ ଯେ ତୋର ଗୁରୁ ସରଗ ପୀୟୂଷ,
କନକ ବଦନେ ମୃଦୁ ମଧୁହାସ,
କି ଅଛି ଜଗତେ ହେବ ତାକୁ ସରି,
ଫୁଟାଇ ତା ପାଶେ ଦେଖାଇବ ଶିଶୁ ?
ତହୁଁ ବଳି ପୁଣି ଏ ଗୂଢ଼ ଧିଆନ,
ସୁଖେ ଦୁଃଖେ ସମ ମନ ସନମାନ ।
ଡାଳିଆଅ, ଫୁଲ, ଡାଳିଥା ରେ ରହି,
ତୋ ମନ ନୟନ ଦୂରୁ ଦୂରେ ରହିଁ ।
ଯେତେ ଦିନ ଫୁଟି ଶୋଭିବୁ କାନନେ,
ବସି ରହିଥାଅ ଫୁଲକ ମଉନେ ।

---

# ନିଦାଘ ସରସୀ

ଶୁଖିଛି ମୋ ସାର୍          ସୁନୀଳ ଜଳଧି
ଆତପେ ହୋଇଛି ଲୀନ;
ବିଲ ପଦା ମାଳେ          ମିଶି ସେ ମୋ ତନୁ
କିବା ଆହା ଦିନମାନ !
ଜଳ-ଦରପଣେ          ମୁକ୍ତା ସ୍ତବକେ
ସମୀରେ ଖେଳାଇ ଶିର,
ରକ୍ତ-ହେମକର-          ଅଲକ୍ଷ୍ୟ-ପରଶେ
ବିସୋରି, ଜୀବନ ଭାର ।
କମଳ-କଳିଟି          ବିକଶୁ ସେ ଥିଲା
ଅବନୀ ଗଗନ ମୋହି,
ଜୀବନ ପ୍ରଭାତେ          ଶତ-ଦଳପେ ତା
ମଜ୍ଜନେ ପଡ଼ିଛି ଶୋଇ !
ବାଟର ବାଟୋଇ          ବାଟେ ଚାଲିଯାଏ
ଉଦାସ ଚରଣେ ଆଜ,
କମିତେ କି ତତ୍ତ୍ୱେ          ଖାଲେ ମୋ ବିଗତ
ସୋହାଗ ସମ୍ପଦରାଜି ?
କି ଅଛି ମୋର ସେ          ପଖାଳି ଦେବ ତା
ଧୂଳି- ବିଲେପିତ ପାଦ,
ମୋ ସୁଧା-କଣିକା          ଅରପି ହରିବ
ମନ୍ଦ ମନ-ଅବସାଦ ?

ନଶି-ଶଣ୍ଡିପ୍ରୁରେ          ହସନ୍ତେ ଯା କୋଳେ
ବଦନ ରଜତ ହାସେ,
କୋଟି କାଇଁ-କଳା,          ତା ତନୁ ଘୂରୁଛି
ବନ କଣ୍ଟା ବୁଦା ଘାସେ ।
ଯେତେ ମୋ ସମ୍ପଦ,          ସରୁଛି ସକଳ,
ଋତୁ ଆବର୍ତ୍ତନେ ବୁଲି,
ଧାନହୀନ ଦେଶେ          ଦବା-ନଶି ନତ
ପଡ଼ି ମୁଁ ହେଉଛି ଘାର ।
ଜଳବେଣୀ-ବକ୍ଷେ          ସନ୍ତରନ୍ତେ ସୁଖେ
ରେ ଜଳଚର ଯହିଁ,
ଶୃଗାଳ କୁକୁର          ବକଣ୍ଠ ନିନାଦେ
ବୁଲନ୍ତି କ୍ଷୁଧାର୍ତ୍ତ ହୋଇ ।
ଆଉ କହିଁ ନଭେ          ନବୀନ ଜଳଦ,
ଢାଳୁଛି ସଲିଳ ଧାରା;
ନଠୁର ସେନେଦ୍ଧେ          ଭିନ୍ଡାଉଛି ମିଞ୍ଚେ,
ଏ ତନୁ-ତାପିତ ଭାର ?
ଅଧେ ମୁଁ ଜଳୁଛି          ସେ ଗ୍ରୀଷ୍ମ ଆତପେ,
ପୂରାଇ ଜାଳିବ ତହିଁ;
ଘନ ବାରିଧାରା,          ତଟିନୀ ପ୍ରବାହେ
ଆଉ ତ ଭୁଲିବ ନାହିଁ ।
ଗିରିଶିଳା-ଶିରେ          ବରଷ ହରଷେ,
ସାଗର-ସିକତା-ଶେଷେ,
ମୋ ଭଳି ସହସ୍ର          ନିରେଖ ଆଶ୍ରିତେ
ବୁଡ଼ାଇ ବିଷାଦ ନୀରେ ।

# କୋଇଲି

ଆସ ଆସ, ନବ ଉସର ଅତିଥି
ମୁଦେ ମୁଁ ଶୁଣିବି ତୋ କଣ୍ଠ ସ୍ୱନ
ଚଢ଼ଇଟି ବୋଲି ବୋଲିବି କି ତୋତେ,
କି ଅବା ଉଡ଼ନ୍ତ ଅମୀୟ ତାନ ?
ସଦା ଘାସ ତଳୁଁ ଡେରି ମୁଁ ଶ୍ରବଣ,
ଶୁଣିଛି, ପିକ, ତୋ ପଞ୍ଚମ ସ୍ୱର;
ଗଛୁ ଗଛେ ଉଡ଼ିଯାଏ ସେ କ୍ଷଣକେ,
ପାଖେ ଶୁଭି ପୁଣି ହୁଅଇ ଦୂର ।
ବନ କାନେ ସିନା କହୁ ତୁ ଗୁପତେ,
"ଆସୁଛି ମଳୟ ସୁମନ ଘେନି;"
ନିମିଷେ ମୋ ହୃଦେ ଖେଳାଉ, କୋଇଲି,
କେତେ ଅଜ୍ଞାତ ସ୍ୱପନ ଆଣି ।
ଆଆ ଆଆ ଆଆ, ବସନ୍ତ ଦୂତ ରେ,
ପକ୍ଷୀ ଗୁରୁ କେହ୍ନେ ମଣିବ ତୋତେ ?
ଦେଖିଛି ତ ତୁ କି ଅଦେହ ପ୍ରତିମା,
ସ୍ୱରେ ମାତ୍ର ଗଢ଼ା ହୋଇଛୁ ସତେ ।
ବାଲୁତ ବୟସେ ସୁଖ ଦୁଃଖେ କେତେ
ଶୁଣିଛି ହରଷ ଚକିତେ ତୋ ଗୀତ;
ଶୁଣି, ଖୋଜି ତୋତେ କେତେ ବୁଲୁଁ ଥିଲି,
ଗଛ ବୁଦା ଲତା ଗହଳେ ନିତି ।

ତୋ ପଛେ ଗୋଡ଼ାଇ କେତେ ବୁଲୁଥିଲି
ବନୁଁ ବନେ, ମାଳୁଁ ମାଳେ ମୁଁ ଧାଇଁ;
ଢନେ ଦେଖିଲେ, ପିକ, ତୋ ରୂପ ନେଦେ ମୁଁ
ଦେଖିଥାନ୍ତି ଆଧା କ୍ଷଣକ ପାଇଁ ।
ଆଜି ମଧ୍ୟ ଏବେ ସେହି ଭଳି ଗୀତ
ଶୁଣୁଛି, ଶୋଇ ମୁଁ ପ୍ରାନ୍ତର ଘାସେ;
ଶୁଣି ସେ ସୁଦୂର ଅତୀତ ସ୍ମୃତିଟି
ଲେଉଡ଼ି ମୁଁ ନିମିଷେ ଆଣଇଁ ପାଶେ ।
କି ଆଉ କହିବି ତୋତେ, ପରଭୃତ ?
କହୁଛି ଏତିକି, ଶୁଣିବୁ ଆସ,
ଏ ଯେଉଁ ମହୀରେ ରହୁଛି ଜୀବେ ମୁଁ,
ଏ ତ ଇନ୍ଦ୍ରପୁରୀ ତୋ ଯୋଗ୍ୟ ବାସ ।

# ମାୟାମୃଗ

ପର୍ଣ୍ଣକୁଟୀ ମଧ୍ୟେ ଅଯୋଧ୍ୟା ନରେଶ
ଦୂର ପଞ୍ଚବଟୀ ବନେ,
ବସି, ହର୍ଷେ ସୀତା ଲକ୍ଷ୍ମଣ ସଙ୍ଗରେ
ରତ ପ୍ରୀତ ଆଳପନେ ।
ଆସି ଉଭା କାହିଁ ଧାଇଁ ସ୍ୱର୍ଣ୍ଣ-ମୃଗ
କୁଟୀର ଦୁଆର ପାଶେ,
ବିଜୁଳି ଝଟକ ପ୍ରାୟେ ନିମିଷକେ
ଲୁଚିଗଲା ବନବାସେ ।
ନେତ୍ରୁ ତା ମୂରତି ନ ପାରିଲେ ପୋଛି
ଜନକ-ରାଜ-ଦୁହିତା,
କହିଲେ, "ସେ ମୃଗ ନ ଆଣିଲେ ଧରି
ଅନ୍ନ ମୋତେ ହେବ ପିତା ।"
ଶୁଣି ରାମ ବେଗେ ଧନୁଶର ହାତେ
କୁଟୀରୁ ହେଲେ ବାହାର,
ବୁଲି ବନେ ମୃଗେ କେତେ ତ ଖୋଜିଲେ
ପୁଣି ନ ଦେଖିଲେ ତାର ।
ବନୁ ବନେ, ଗିରି— ସଙ୍କଟୁ ଗିରିକି
ବୁଲନ୍ତି ଅଯୋଧ୍ୟାସାଇଁ,
ତେଣେ, ସୀତା ସହ ଉଦ୍‌ବିଗ୍ନ ଲକ୍ଷ୍ମଣ
ବାଟ ରହିଛନ୍ତି ଚାହିଁ ।

କେତେବେଳେ ବନୁ                ଆସିଲା ଶବଦ
"ଲକ୍ଷ୍ମଣ, ରଖ ଜୀବନ,"
ଶୁଣି କାନେ ସୀତା                ଚହଲେ ଚମକି
ଅଧୀର ହେଲେ ଲକ୍ଷ୍ମଣ ।
କହିଲେ ସୀତା, "ଏ                ଭାଇ କଣ୍ଠ ସ୍ୱର
ଆପଦେ ପଡ଼ିଲେ କାହିଁ,
ଯାଅ ଏ ମୁହୂର୍ତ୍ତେ,                ହେ ଲକ୍ଷ୍ମଣ, ତୁମ୍ଭେ
ଭାଇଙ୍କି ତାରିବା ପାଇଁ ।"
ମନ ନ ମାନିଲା,                ତଥାପି ସୌମିତ୍ରି
ଚଳିଲେ କୁଟୀର ତେଜି,
ଘୋର ବନେ ସୀତା                ରହିଲେ ଏକାକି
ଜପନ୍ତେ ରାମ ନାମ ହେଜି ।
ଗୃହୁଁ ଗୃହୁଁ ଦ୍ୱାରେ                ଆଗତ ଭିକ୍ଷାର୍ଥୀ
ମାଗଇ ଭିକ ଆଳୁରେ,
ପତିବ୍ରତା ପତି—                କଲ୍ୟାଣ ମନାସି
ଭିକ୍ଷାନ୍ନ ବାଢ଼ିଲେ ଦୂରେ ।
କହିଲା ଭିକ୍ଷାରୀ,                "କରେ ଆଣିଦେଲେ,
ଘେନିବ ସିନା ମୁଁ ଭିକ,
ପରବାସେ ପାଦ                ପକାଇବ, ମୋତେ
ମଣ କି ଏତେ ନାସ୍ତିକ ?"
ଶଙ୍କିତେ ଭିକ୍ଷାନ୍ନ                ଆଣି, ଦ୍ୱାରଦେଶୁଁ
ବଢ଼ାଇ ଦେଲେ ମୈଥିଳୀ,
କି ହେଲା ! ଭିକ୍ଷାର୍ଥୀ                ପ୍ରକାଶି ସ୍ୱରୂପ
ଧଇଲା ଶଙ୍କର ଭକ୍ତ ।

ଦଶମୁଣ୍ଡ ତାର ବେକ ଉପରଲୁ
ଝକଟି ଝଶଇ ଅନ୍ତ,
ଝୁଲଇ କୋଡ଼ଏ ହାତ ବେନି ପାଶେ,
ଦେଖି ମୂର୍ଚ୍ଛା ଗଲେ ସତୀ ।
ପୁଷ୍ପକ ରଥ ତା ଥିଲା ପାଶେ, ତାଙ୍କୁ
ବଳେ ସେ ଆପିଲା ଟଣ୍ଣିଁ,
ଭୟସ୍ଥିତା ହସ୍ତା ଜାନକୀ ବିକଳେ
କାନ୍ଦୁଛନ୍ତି କହିଁ କହିଁ ।
ବାହୁଡ଼ ଶ୍ରୀରାମ— ସୌମିତ୍ରି କୁଟୀରେ
ହୋଇଲେ ଚକିତ ଅତି,
ତେଣେ, ଉଡ଼େ ରଥେ ସୀତାଙ୍କୁ ବସାଇ
ସେ ଦୈତ୍ୟ ଲଙ୍କା ନୃପତି ।
ସ୍ୱର୍ଣ୍ଣମୃଗ ରୂପେ ମାୟାମୃଗ ଗୋଟି
ପେଷି ସେ ଥିଲା ରାବଣ,
ସେହି ମାୟା ବଳେ ହରିଲା ସୀତାଙ୍କୁ,
ବୁଝିଲେ ରାମଲକ୍ଷ୍ମଣ ।

# ଭାଇ

"ମୋ ଭାଇକି ଡାକି ଆଣି ଏଥି, ଏକା
ଖେଳି ମୁଁ ପାରୁ ତ ନାହିଁ,
ଫୁଲ ଅଳି ଘେନି ଆସଇ ବସନ୍ତ,
କାହିଁ'ଛି ଆଜି ମୋ ଭାଇ ?

ରବି ହେମ କରେ ଉଜଳି ତା ଶିଖା,
ଉଡି ବୁଲେ ପ୍ରଜାପତି;
ତା ପଛେ ମୁଁ ଆଜି ନ ପାରେ ଗୋଡ଼ାଇ
ଡାକ ମୋ ଭାଇକି ଏଥି ।

ଫୋଟିଥିଲୁ ଯେତେ ଫୁଲ ଲତା ବନେ,
ଅଯତ୍ନେ ବଢ଼ନ୍ତି ତହିଁ;
ଫଳଭରେ ଦ୍ରାକ୍ଷା ଲମ୍ବିପଡ଼େ ପତ୍ର
ଆଣ ମୋ ଭାଇରେ ଖୋଜି ।"

"ଶୁଣିବ ନାହିଁ ସେ ତୋ ଡାକ, ରେ ବାପୁ,
ଆସିବ ନାହିଁ ତ ବାରେ;
ବସନ୍ତ ସୁମନ ସର ସେ ବଦନ
ନ ଦେଖିବୁ ମଞ୍ଚତଳେ ।

ଫୁଲ ଯେଉଁ କ୍ଷଣେ ଶୋଭେ, ସେ ଶିଶୁ ତା
ଭାଲେ ଲେଖିଥିଲା ବନ୍ଧି,
ତୁ ଏବେ ଏକାକି ଖେଳବୁ, ରେ ଧନ,
ସରଗେ ଅଛି ତୋ ଭାଇ ।"

"ଛୁଡ଼ି କି ଗଲା ସେ ତା ଫୁଲ, ତଡ଼େଇ ?
ମିଛେ କି ଡାକବ ମୁହିଁ ?
ଏ ଘର୍ଗ ବସନ୍ତେ ଢନେ କି ମୋ ପାଶେ
ଫେରି ସେ ଆସିବ ନାହିଁ ?

ନର୍ଝର ପୁଲନେ ବନପଥେ ସୁଖେ
ସେ ବୁଲି ଗଲା କି ସଖି ?
ଖେଳିବାର ବେଳେ ଡାରେ, ଆହା, ଆଉ
ସ୍ନେହ ମୁଁ ଥାଆନ୍ତି କରି ।"

# ଅନାଥ ଶିଶୁ*

ଆଜ କିପାଁ ରଡ଼ୁ ଶିଶୁ, ଡକିଲେ ଏଭଳି ?
ବୃଥା ତୋର ଏତେ ଡାକ, ଏତେ ତୋର ଅଳି !
ପାଷାଣ, ପାଦପଗଣ କି କରିବେ ଶୁଣି ?
ବୃଥା ଏତେ ଆକୁଳତା, ନହୁଅ ବାହୁନି ।
ଏହି ଯେ ଆସିଲି ମୁହିଁ ନଉ-ପୃଷ୍ଠେ ବସି,
ବନ୍ଧୁଗଣ ମେଳେ ଯିବି ନାଚି ଖେଳି ହସି;
ଶୁଣୁ ଶୁଣୁ ତୋ ବିକଳ ନ ଶୁଭିବ ଆଉ,
ଏ ରୂପଟି ଲୁଚି ପୁଣି ଯିବ ସ୍ୱହୁଁ ଗୃହୁଁ ।
କିପାଇଁ ରାବୁ ରେ ଶିଶୁ, କାହାକୁ ଅନାଇଁ ?
କେହି କି ଢାଳଇ ତଳେ ତୋ ବେଦନା ପାଇଁ ?
ଏହିକ୍ଷଣି ଘୋଟିଯିବ ନିବଡ଼ ଅନ୍ଧାର,
ନ ଦିଶିବ କୂଳ, ପନ୍ଥା, ପାଣି କି ପାହାଡ଼ ।

---

* ଚିଲିକା ଭିତରେ ପାହାଡ଼ରେ ଥିବା କାଳିଜାଇ ଦେବୀଙ୍କଠାରେ ବଳି ଦେବାକୁ ଲୋକେ ଯେଉଁ ସବୁ ବୋଦା ନିଅନ୍ତି, ତାଙ୍କୁ ନ ହାଣି ପାହାଡ଼ରେ ଛାଡ଼ିଦେଇ ଆସନ୍ତି । କବି ଥରେ ସାଙ୍ଗ ସାଥୀଙ୍କ ସହିତ ସେଠାକୁ ଯାଇଥିଲେ । ଲେଉଟିଲାବେଳେ ନାଆ ଚଳିବାର ଦେଖି ଛେଳିଛୁଆଟିଏ ବହୁତ ରଡ଼ିଲା । ମାତ୍ର ନାଉରି ତାକୁ ନାଆରେ ଆଣିବାକୁ ନାସ୍ତି କଲା । ନାଉରୀଙ୍କର ବିଶ୍ୱାସ ଯେ କାଳିଜାଇ ପାହାଡ଼ର ଜନ୍ତୁ ଆଣିଲେ ନାଆ ବୁଡ଼ିଯିବ ।

ସେତେବେଳେ କି କରିବୁ ଅଭାଗା-ପରାଣି,
କେଉଁଠାରେ ଆଶ୍ରା ନେବୁ ନିଜ ଲୋଡ଼ା ଜାଣି ?
କୁଆ ଶୁଆ ବସା ଖୋଜି ଯିବେ ତହିଁ ଉଡ଼ି,
ମାଛ ବେଙ୍ଗ ଯିବେ ସୁଖେ ପାଣି ତଳେ ବୁଡ଼ି;
ଶଳିକା ମଜ୍ଜିବ ନିଜ ନିଶୀଥ ଶୟନେ,
ପାଷାଣ ପାଦପେ ନିଦ୍ରା ଭଜିବେ କାନନେ ।
ତୁହି ଏକା କି କରିବୁ ଅନାଥ ଶିଶୁଟି,
ଶୀତ ସାରା ରଡ଼ି ରଡ଼ି ଯିବ କି ତୋ ରାତି ?
ସେନେହେ ଯେ ପାଳିଥିଲା ଦୁଃଖିନୀ ଜନନୀ,
କେତେପରି ଝୁରୁଥିବ ବିକଳେ ବାହୁନି;
ଜାଣୁଥିବ ହରାଇଛି ପରାଣର ଧନ,
କାହୁଁ ସେ ବୁଝିବ ତୋର ଏ ଦୁଃଖ କଷଣ ?
ପଶୁକୁଳେ ଜନମିଛି ସରଳ ସେନେହେ,
କି ଜାଣିବ କି ବର୍ବର ମାନବ ହୃଦୟେ ?
ନିଷ୍ଠୁର ହାତେ ତା ଭିଡ଼ି ଯେଉଁ କ୍ରୂର ପ୍ରାଣୀ
ଛାଡ଼ିଲା ଏ ଅପନ୍ତରା ଦ୍ୱୀପେ ତୋତେ ଆଣି,
ତା ମରୁ-କୋଡରେ ଶିଶୁ ଜନମି କି ନାହିଁ ?
ସ୍ନେହ-ପ୍ରୀତି-ବନ୍ଧୁ ହୃଦେ ନାହିଁ କି ସେ ପାଇ ?
ଜଳଧି-ଦେବତା ମା ଗୋ ଜଗତ-ତାରିଣି,
ଏ ଜଳ-କଲ୍ଲୋଳେ କେଳି କରୁଛ ଜନନୀ,
କୋଳେ ତୋଳି ରଖ ଏହି ଅନାଥ ଶିଶୁଟି;
ଜଳ-ବେଣୁ-ତାନେ ଘେନ ଯାଉ ତାର ରାତି ।

# ଋଷିକୁଲ୍ୟାର ମିନତି

ଭୂଧର କନ୍ଦରେ ଗହନ କାନ୍ତାରେ
ଜନମି ସୁଦୂରେ କାହିଁ,
ବନ ଗ୍ରାମ ପଦା ଭେଦି, ଋଷିକୁଲ୍ୟା
ସାଗରେ ଆସିଛି ଧାଇଁ ।

ବାଟେ ରୋଧୁଥିଲେ କେତେ ଗିରି ଶିଖ,
କହୁଲେ, 'ନ ଯାଅ ଦୂରେ,'
କେତେ କ୍ଷୁଦ୍ର ହ୍ରଦ ଲୋଡ଼ୁଥିଲେ ତାକୁ
ବନ୍ଧି ଧରିବାକୁ ଜୋରେ ।

ନ ଶୁଣି ସେ କଥା ଆସିଛି, ଜୀବନ
ସାଗରେ ଦେବାକୁ ନିଜ,
ସିନ୍ଧୁ ଅଙ୍ଗେ ସିନା ତା ଅଙ୍ଗ ମିଶିଲେ
ଧନ୍ୟ ସେ ପାରିବ ହୋଇ ।

ସିନ୍ଧୁ ସିନା ତାକୁ ଲୁହାଇ ଲୁହାଇ
ପଛେ ଫେରାଉଛି ପେଲି,
ଗୋଟି ଗୋଟି ଢେଉ ପେଷି, କହୁଅଛି
"କଥା ମାନ ଯାଅ ଫେରି ।

ମୁଁ ସ୍ଥିର ସମୁଦ୍ର	କ୍ଷାରେ ପଗ ଗଢ଼ା
ମୋ ଫୋଡ଼ା ପରାଣ ଗୋଟି,
ତୋ ମଧୁ ଶରୀର	ଆଣି କପାଁ, ନଢ
କୋଳେ ମୋ ଯିବୁ ଲୋ ଲେଟି ?”

ଶୁଣି ଋଷିକୁଲ୍ୟା	କାନ୍ଦି କହେ ଧୀରେ
“ନ ଭାଷ ନିଠୁର ବାଣୀ,
ତୁମ ପ୍ରତି ପ୍ରୀତି	ବହି ମୁଁ ଆସିଛି,
କ୍ଷୀର କ୍ଷାର ନାହିଁ ଜାଣି ।

“ଏ କ୍ଷାରେ ଢାଳିବି	ମୋ କ୍ଷୀଣ ଜୀବନ,
ଅନ୍ତର କାମନା ମୋର;
ସେ ପାଇଁ ବହୁଛି	ଏ ପ୍ରାଣ ଧାରା ମୁଁ,
ପତାଇ ଦିଅ ହେ କୋଳ ।

“ନୋହିଲେ ଲୋଟିବି	ସଇକତ ଶେଯେ,
ପଶିବି ଭୂଗର୍ଭେ ଧୀରେ,
ପଶିଥିଲେ ଯେହ୍ନେ	ବସୁଧେ ଜାନକୀ
ଶ୍ରୀରାମ ନିଠୁର ଗୀରେ ।

“ସ୍ନେହ କି ସିନ୍ଧୁ ହେ,	ନ ବୁଝ ହୃଦୟେ,
ବହି ଏ ତରଳ ପ୍ରାଣ ?
ତୁମ ବିନା ମୋର	ଅଛି କାହିଁ ଗତି
ଦିଅ ମୋତେ ବକ୍ଷେ ସ୍ଥାନ ।”

# ଗଣ୍ଠି ଧନ-ସାଥୀ

ମାଟି ଘାଟେ ବସି ଏକା ଚଣ୍ଡାଳ ପିଲାଟି
ଅଳ୍ପ ଫଳାହାର ତା'ର ଖାଉଛି ସାଉଁଟି ।
ବାଲି ଧୂଳି ମାଟି ସଙ୍ଗେ ମିଶିଯିବ ବୋଲି,
ରଖିଛି ଖପରଟିରେ କି ଯତନେ ଭରି ।

"କାହା ପ୍ରାଣଧନ ଆରେ ହୃଦୟର ମଣି,
କେତେ ସ୍ନାନମାନ ଏଥି ନୋହୁଛୁ ତୁ ପୁଣି !
ଘରେ ବୋଉ କୋଳେ ନେଇ ବସାଇ ଆଦରେ,
ଭୁଞ୍ଜାଉ ଥାଆନ୍ତା ଖୀର କି ସେନେହଭରେ !

"ତୁ ଯେ ମାଟିତଳେ ଏଥି ହେଉ ଜରମାଖି,
ଲବେ ହେଲେ ଆଜ ସେହୁ ଜାଣିପାରୁଛୁ କି ?
ଦଇବ ଜନମ ଦେଲା ଚଣ୍ଡାଳର କୁଳେ,
ଏଭଳି କି ଲୋଟିବାକୁ ଧୂଳି ମାଟିତଳେ ?

"କି ସୁଖେ ମୁଁ ଅଧହର୍ମ୍ୟେ ବସି ନିଶିଦିନ,
ବିଶ୍ୱ-ଶିଶୁ ଭୁଞ୍ଜି ମୋର ଯାପୁଛି ଜୀବନ !
ଏତିକ ଅନ୍ତର ବନ୍ଧ ଏକୁ ଆନ କରି,
ଏ ସାରା ସଂସାର ପୁଣି ସୃଜିଛି କିପରି ?

ଯାଆ ବାବୁ, ଫେର ଯାଆ ଘରେ ତୁ ତୁରିତେ,
ବୋଉ-କୋଳେ ବସି ଭାତ ଭୁଞ୍ଜିବୁ ଉସତେ ।"
ଏତେ ଭଳି ଦୀର୍ଘଶ୍ୱାସ ତେଜିଲି ମୁଁ, ଦେଖି,
ଫଳାହାରୁ ମୁଠେ ମୋର ବଢ଼ାଇଲି ଡାକି ।

କି ବସ୍ତୁର କଳ୍ପ ମନେ, ତାକୁ ସିନା ଜଣା,
ମୁଁ ଯେ ନେବ କନା, ହୃଦେ ଅତି କଳପଣା ।
ନିମିଷେ ରହିଲେ ଥରେ, ଦୋଦୋପାଞ୍ଚ ହୋଇ
ମନ୍ତ୍ରେ ଘେନଲେ ତହୁଁ ପାଶେ ତାର ଯାଇ ।

ନାରିଜ ହେବାରେ ମୋର ନ ବଳିଲି ଚିତ୍ତ,
ପକାଇଲି ମୁଖେ ମୁଁ ସେ ମୁଠିଏ ଭୁରିତ ।
ମାଟି ଘାସେ ବସିଲି ସେ ପିଲାଟିର ତୁଲେ,
ମୁଠେ ସେହୁ ଖାଏ ନିଜେ ମୁଠେ ଦେଇ ମୋତେ ।

ଏ ମରତେ ବଞ୍ଚି ବୋଉ, ଥିଲେ ଆଜି ଉନ୍ତ,
ଏତେ ସ୍ନାନମାନ ହୃଦେ ପାରନ୍ତି କି ସହି ?
ବେଦନିକ ନଥନ୍ତି ପରି ବେଦ କର ପାତି,
ମୁଁ ତୋ ଗଣ୍ଠିଧନ, ଏ ତୋ ଗଣ୍ଠିଧନ-ସାଥୀ ।

# * କନିକା ନୃପ କୁମାରୀ

ଝଲକୋଟେ ତୁରି ଯିବେ ନୃପବର,
କହନ୍ତି, "ନାଉରି, ଖୋଲ ବହନ;
ଆର କୂଳେ ବେଗେ ପାରି କରିଦେଲେ,
ଏ ମୋହର ଗୋଟି ପାଇବୁ ଜାଣ ।"

"କିଏ ତୁମେ ଆଜି ଏ ପାଣି ପବନେ
କାଳକାଇଗଣ୍ଡ ହେବ ହେ ପାରି ?
"ଝଲକୋଟ ରାଜ-ନନ୍ଦନ ମୁଁ ପରା,
ଏ ବାଳା କନକା ନୃପ କୁମାରୀ ।

ତିନି ଦିନ ଧାଇଁ ଆସିଅଛୁ ବେନି,
କନକା ସଇନେ ଛନ୍ତି ଗୋଡ଼ାଇ;
କାଟେ ପଡ଼ିଗଲେ ଧରି ତାଙ୍କ ହାତେ,
ମୋ ରକ୍ତେ ନିକର ତିନ୍ତିବ ଭୂଇଁ ।

ଚଢ଼ି ଘୋଡ଼ା ଖରେ ଆସନ୍ତି ମାଡ଼ି ସେ;
ଆମ ପତା ଯେବେ ପାଇବେ ତଳେ,
ମୋତେ ତ କରିବେ କାଟି ବେନି ଖଣ୍ଡ,
କେ ରକ୍ଷିବ ବାଳା ହାହା ମହୀରେ ?"

---

* ଘଟନାଟି ବିଲାତର । କିନ୍ତୁ ବିଷୟ ସହଜବୋଧ୍ୟ କରିବା ନିମନ୍ତେ ସ୍ଥାନମାନଙ୍କର ନାମ ଓଡ଼ିଶାର ସ୍ଥାନମାନଙ୍କ ନାମ ଅନୁସାରେ ଦିଆଯାଇଅଛି ।

ଫେଇ ମନ କଥା କହିଲା ନାଉରି,
"ଯିବି ମୁଁ, ମଣିମା, ଅଛି ତିଆରି;
ଦେଲେ ଦିଅ ମୂଲ, ନ ଦେଲେ ନ ଦେବ;
ଏ ବାଲାଙ୍କ ଲାଗି ଯିବାର ମୋର ।
ମୋ ଗୁଣ ପକାଇ କହୁଛି, ଆପଦେ
କ୍ଷଣେ ଏଥି ନାହିଁ ରହିବେ ବାଳୀ;
ମେଘ ବରଷୁଛି, ବତାସି ପିଟୁଛି;
ହେଲେ, ମୁଁ ତୁରତେ କରିବି ପାର ।"
ଘନୁ ଘନ ବଢ଼ିଆସେ ବାଆ ପାଣି,
ଡାକମା ଡାକଇ ସକଟ ଘୋଷେ;
ଏଥି ଦୁର୍ଘଟଣ ଦେଖି ବେନି ଜନ
ପ୍ରେମିକ ହୃଦୟ କମ୍ପଇ ତ୍ରାସେ ।
ପବନ ବୋହିଲା ଘୋର ଶଣଶାଣ,
ଗଗନ କାଳିମା ଆସିଲା ଘୋଟି,
ପାରିକୁଦ ଦହେ ଘୋଡ଼ା ଟାପୁ ନାଦ
ନିକଟୁ ନିକଟ ଶୁଭିଲା ଅତି ।
"ଚାଲ, ବେଗେ ଚାଲ," ଭାଷନ୍ତି କୁମାରୀ,
"ବାଆ ପାଣି ଭଡ଼େ ହେଉଛି ସତ;
ଏ ଶତ୍ରୁ କୋପ ମୁଁ ଭେଟିବି ହରଷେ,
ନ ଭେଟିବି ପିତା କୁପିତ ହାତ ।"
ଶ୍ରମ ଭୁଇଁ ପୃଷ୍ଠ ଛାଡ଼ିଲା ନାଉରି,
ଦୃଷ୍ଟି ସିନ୍ଧୁ ବକ୍ଷ କରିବ ପାର;
ବାଆ ପାଣି ଲଗି ହେଲା ଏଡ଼େ ଟାଣ;
ଛାର ନର ହାତ କ ପାରେ କରି !

ତେବେ ହେଲେ କାତ ମାରି ସେ ଗୃଳାଛନ୍ତି,
ନ ମାନେ ବରାସି ନାଉର ଛଳେ;
କନକା ନୃମଣି କୂଳେ ହୋଇ ଉଭା,
ଦେଖନ୍ତି ବିଷମ ତାଣ୍ଡବ ମାଠରେ ।
ବାପ ହୋଇ ନିଜେ ଜନ୍ମ ଦେଇଛନ୍ତି,
ପାଳିଛନ୍ତି ପ୍ରାଣୁଁ ଅଧିକ କରି;
ବାଲ୍ୟ ଅପରାଧେ ନିମିଷ ଭିତରେ
ଫିଙ୍ଗି ହୃଦ ପୀଠୁ ଦେବେ କପରି ?
ଅନାଇ ଦେଖନ୍ତି, ବତାସି ଅନ୍ଧାରେ
ବୁଡ଼ୁଛନ୍ତି ଦୁହିତା ଅତଳ ତଳେ;
ଛଡ଼ିବା ପାଇଁରେ ଟେକ ଏକ ହାତ,
ବେଢ଼ାଇଛନ୍ତି ଆନ ତତିଙ୍କ ଗଳେ ।
"ଫେରିଆ, ଫେରିଆ" କହିଲେ ବିଷାଦେ,
"ଫେରିଆ, ଗୋ ମାଆ, ନ ଯାଆ ଆଜି,
ହେଲା ଯା ହେବାର, ଫେରି ତୁ ଆଇଲେ,
ତୋ ପଣରେ ନାହିଁ ଛୁଇଁବ କେହି ।"

କି ହେବ, ଏଡ଼ିବ ବିଧି ଘଟଣ କେ ?
ଏକା ପବନକେ ବୁଡ଼ିଲା ନାଆ;
ଝିଅ ମିଶିଗଲା ଶଲକା ତରଙ୍ଗେ,
ନୃମଣି ବାହୁନି କାନ୍ଦନ୍ତି ଆହା !

# ଆରାଧ *

ପରାଣ-ଦେବତା କରି ପୂଜନ୍ତି ଯତନେ
ବସା ନଶି ହୃଦ-ପୀଠ ସ୍ନେହ ସିଂହାସନେ,
ନଇବେଦ୍ୟ ରୂପେ ଯାହା ଧରୁଛି ମୁଁ ଶତେ
ତୁମ ଯୋଗ୍ୟ କରି ସେବେ ପାରନ୍ତି କଳ୍ପିତେ ।
ନିତି ଦିନ ଅବହେଳେ ବସି ଶ୍ରୀଚରଣେ;
କି ଯେ ତୁମେ, ଦେବ, ଚିହ୍ନି ନ ପାରିଲି ଷଟଣ ।
ନିମିଷେ ପରାଣେ ଯେବେ ଉପୁଜେ ମୋ ଭ୍ରାନ୍ତି,
ଅପର ନିମିଷେ ହୁଅ' ଦୋଷର ପ୍ରଶାନ୍ତ ।
ଉଦାସ ଅନ୍ତରେ ତେଜ ଆସିଲି ବେଳକୁ,
ହସହସେ ସ୍ନେହେ ଶୁଣ ବଚନ ଶ୍ରୀମୁଖୁ ।
ସରଗ ସପଦେ ଭରୁଁ ଖେଳଇ ଅନ୍ତର,
ଯେତେ ଯା ବୈରାଗ୍ୟ ମନୁ ବସୋରି ସକଳ ।
କି ଦୁର୍ଲ୍ଲଭ ଉପାଦାନ ସୁଧାଧାରେ, ନିତ୍ୟ,
ଏ ମଧୁ ମୂରତି, ଦେବ, ଗଢ଼ିଅଛି ବିଶ୍ୱ !
ହାସ୍ୟେ ମିଶାଇଛି ଲୋଡ଼ ଶୀତ ନେତ୍ର ବାରି,
ପାଷାଣେ ଦେଇଛି ସ୍ନିଗ୍ଧ ଶୈବଳମା ଡାଳ,

---

* ଏ ପଦ୍ୟର ବିଷୟାବଳୀ ସ୍ୱର୍ଗତ ପଣ୍ଡିତ ଗୋପବନ୍ଧୁଙ୍କ ଲକ୍ଷିତ । କବି ତାଙ୍କର ନିତାନ୍ତ ଅନୁରକ୍ତ ସହକର୍ମୀ ଥିଲେ । ପଣ୍ଡିତ ଗୋପବନ୍ଧୁ କବି ଓ ସତ୍ୟବାଦୀ ବିଦ୍ୟାମନ୍ଦିରର ଅନ୍ୟାନ୍ୟ କର୍ମୀଙ୍କୁ ବିଶେଷଭାବରେ ସେବା ଓ ତ୍ୟାଗମନ୍ତ୍ରରେ ଦୀକ୍ଷିତ କରି ପାରିଥିଲେ ।

ଅମା ନିଶି ଅନ୍ଧକାରେ ଫୁଟାଇଛି ବିଧୁ,
ମରୁଦେଶେ ଫେଡ଼ିଅଛି ପିକକଣ୍ଠୁ ମଧୁ;
ହସନ ସମ୍ପଦ ଲୋଡ଼ି ସରଗ ସମ୍ଭାରେ
ନିହ୍ନୁଛି ସେ ଜନନୀରେ ଏ ମର୍ତ୍ତ୍ୟ ଶରୀରେ ।
ବାଳୁତ ବୟସୁଁ ସାଧି କି ସୁଖ ତିଆଗ,
ଦେଇଛ ଯାବତ ତେଜ ଜୀବନ ସୋହାଗ ।
ଆପଣା ସୌଭାଗ୍ୟ ଶିଖି ବରଜି ଉସତେ,
ପରହିତେ ସମର୍ପିଛି ତାଳୁଙ୍କ ନିରତେ ।
କି ପୁଣ୍ୟ-ପ୍ରଦୀପ ଜାଳି ହୃଦ-ନିକେତନେ,
ଚଉଦିଗ ପରଶୁଛ ମଧୁ ଆଲୋକନେ ।
ଜ୍ଞାନ ଗୌରବର କିବା ଗମ୍ଭୀର ବାରିଧି,
ରଖିଛ ହୃଦୟେ, ଦେବ, ନିଜ କୋଟି ନିଧି ।
ଗୋଟି ଗୋଟି ଯେବେ ମୁହିଁ ନିରେଖେ ନୟନେ,
ପରାଣେ ପ୍ଳାବନେ ପୂଜେ ଆତ୍ମବିସ୍ମରଣେ ।
ତୁମରି ନିଦେଶ ଆଜି ହୃଦ-ପୀଠେ ଧରି,
କରମ ସାଧନା ଭୂମେ ଅଛି ଅବତରି ।
ଏ ସୁଖ ବିଷମ ପଥେ ବିହରି ହରଷେ,
ମିଳିବ ଯାବତ ଯାଇ ଦୂର ଧ୍ରୁବ ପାଶେ,
ସେତେବେଳ ସନମାନେ ନଇବେଦ୍ୟ ଧରି,
ପୂଜା ତବ, ଆବ୍ଧ ହେ, ପାଶବି ଆଚରି ।
ହୃଦୟ ବିସାରେ ମୋରେ ବିଶ୍ୱ ପରିସରେ
ରଖିଥାଅ ଅନୁଦିନ ଶ୍ରୀଚରଣ ତଳେ ।

# ମୁଣ୍ଡବଳି

ଭୋଇ ବଂଶ ନୃପେ ହରାଇ, ଫିରିଙ୍ଗି
ଜିଣିଲେ ଖୋରଧା ରାଜ୍ୟ,
ଗୋରା କର୍ମଚାରୀ ସ୍ଥାପି, ନରାମତେ
ନିର୍ବାହିଲେ ରାଜକାର୍ଯ୍ୟ ।

କେ ଶିର ନୁଆଁଇଁ ମାନିଲା ଶାସନ,
କର ଗଣିଦେଲା କେହୁ,
କେବଳ ପାଇକେ କହିଲେ "ଲଢ଼ିବୁ
ମୁଣ୍ଡ ଗଲାଯାଏ ଦେହୁ ।"

ଖୋରଧା ବକସି ବୀର ଜଗବନ୍ଧୁ
ହାରି ଯାଇଛନ୍ତି ରଣେ,
ନଶଙ୍କେ ଫିରିଙ୍ଗି ସୃଜି ଲୀଳାଭୂମି,
ରହନ୍ତି ଉଦ୍ଧତ ମନେ ।

ତଥାପି ତାହାଙ୍କ ଗଢ଼େ ନ ପାରନ୍ତି
ସହଜେ ପକାଇ ପାଦ,
ତା ଦଳବେହେରା ପ୍ରଜାପୁଞ୍ଜ ବଳେ
ଉଠନ୍ତି ଘୋର ପ୍ରମାଦ ।

ବାହୁ ଯୁଗେ ଯେତେ ଶକତି ତାଙ୍କର,
ତେତିକ ଦୟା ହୃଦୟେ;
ନିଜ ମୁଣ୍ଡ ଦେଇ ହରାଇବେ, ପ୍ରଜା
ତାଙ୍କୁ ନ ତେଜିବେ ଭୟେ ।
ଅସହ୍ୟ ମଣିଲେ ଫିରିଙ୍ଗି ଶାସକ,
କହିଲେ, "ଲାଗିଛି ନାଟ,
ତାପଙ୍ଗ ତାଲୁ ମୋ ଉଡ଼ିବା ନିଶ୍ଚିତ",
ପେଷିଲେ ବିପୁଳ ଥାଟ ।
ଦୁଇ ଥାଟେ ଯୁଦ୍ଧ ଲାଗିଲା ବିଷମ,
ଜିତେ କାର ନାହିଁ ହେଲା;
ଘର୍ଦ୍ଧ ସାତ ଦିନେ ସରିଲା ସମର
ହାରିଲେ ଦଳ ବେହେରା ।
ତାପଙ୍ଗ ମେଲାଣି ମାଗି ସେ ପଶିଲେ
ଗିରି ବନେ ଯାଇ ଆହା !
କି ଖାଆନ୍ତି, କାହିଁ ଯାପନ୍ତି ଯାମିନୀ,
କେ ଜାଣେ, ପାଇକନାହା ।
ତଥାପି ତାଙ୍କ ଗଡ଼େ ବାଳ ବୃଦ୍ଧ
ନିତି ସୁମରନ୍ତି ନାମ,
ଶୁଣି ଶୁଣି ଦୁରେ ବଧିର ହୁଅଇ
ଫିରିଙ୍ଗି ଶାସକ କାନ ।
କହିଲେ ତହୁଁ ସେ, "ସତ୍ୟ ଯେବେ ତାର
ମୁଣ୍ଡ ମୁଁ ନ କରେ ଲୋପ,
ଶାସନ ତ ରାଜ୍ୟେ ହୋଇବ ଅଚଳ,
ଦହିବ ମୋତେ ମୋ କୋପ ।"

ସମଗ୍ର ଖୋରଧା ରାଜ୍ୟେ ପ୍ରଚାରିଲା,
"ଦୁଷ୍ଟ ଦଳବେହେରାର
ମସ୍ତକ ଯେ ଛେଦି ଆଣିବ, ପାଇବ
ସୁନାଥାଳ ପୁରସ୍କାର ।"
ସେତେ ବକସିଲେ ଖଣ୍ଡାୟତ ବାଟେର
ଗଡ଼ ଦେଉ, ଗ୍ରାମୁ ଗ୍ରାମେ;
ଖଣ୍ଡାୟତ-ମାନ ଯେ ରଖିଛି, ତାଙ୍କୁ
ମରାଇ ନଦେବେ ପ୍ରାଣେ ।
ବୁଲନ୍ତି ବଧକ ଗୋଇନ୍ଦା ଘାତକ
ଧନର କେଡ଼େ ମହିମା !
ମୁଣ୍ଡ ଯେବେ କାଟି ଆଣିବେ, ରହିବ-
ନାହିଁ ସୌଭାଗ୍ୟର ସୀମା ।
ଲଦେଇ ଖଣ୍ଡାୟତ କେତେ ପଦା କଲେ,
କେତେ କେ ହୁଅନ୍ତି ଖୁଣ,
ପାଇକ ଗୋଇନ୍ଦା ଲଢ଼ି ହୋଇଯାନ୍ତି
ଖୁଣ୍ଟାଖୁଣ୍ଟି ପୂର୍ବ ଋଣ ।
ଦଳବେହେରାଙ୍କୁ ଥିଲେ ସେ ଘାତକେ
ଖୋଜି ସେ ପାଆନ୍ତି ନାହିଁ,
ସୁନାଥାଳ ବୃଥା ଯିବକି ସାଇତେ
ତିନି ଲକ୍ଷ ପ୍ରଜା ଥାଇ ?
ଏବେ ବନପ୍ରାନ୍ତେ କମର୍ଷ ପଥିକ
କହେ ବନବାସୀ ଭେଟି,
"ତାପଙ୍କ ଯିବାର ପଥ କି ଜାଣିଛ?
କହ ମୁଁ ଯିବଇଁ ସେଥି ।

କୈବର୍ତ୍ତ ଜାତି ମୋ, ବୁଡ଼ିଲା ନଉକା
ଅତଳ ଚିଲିକା-ଗର୍ଭେ,
ଗ୍ରାମେ ଘର ପୋଡ଼ି ଚାଲିଗଲା ବାସ;
ମରେ ମୁଁ ଦଇବଦଣ୍ଡେ ।
ତାପଙ୍ଗ ଗଡ଼ର ଦଳବେହେରାଙ୍କୁ
ମାଗି ଯେ ହୋଇଛି ବ୍ୟର୍ଥ;
ମୁଁ ଯିବି, କହିବି ମୋ ଦୁଃଖ ଗୁହାରି
ଲୋଡ଼ିବି ଧନ ଅର୍ଥ ।"
ଶୁଣି ବନବାସୀ ଦେଇ ଅଟ୍ଟହାସ
କହିଲେ, ଆସ ମୋ ସାଥି,
ଅର୍ଥ ଯହିଁ ନଷ୍ଟେ ମିଳିବ, ନିଜେ ମୁଁ
ନେଇ ଯିବି ବାଟ କାଟି ।"
ଆଗେ ବନବାସୀ ଚାଲନ୍ତି, କୈବର୍ତ୍ତ
ଅନୁସରେ ଭୁଲି କ୍ଲେଶ;
ସକାଳୁ ମଧ୍ୟାହ୍ନ ହୋଇଗଲା ସହୁଁ,
ପଥଶ୍ରମ ହେଲା ଶେଷ ।
କାର୍ଯ୍ୟାଳୟେ ବସି ଫିରିଙ୍ଗି ଶାସକ
ବିବ୍ରତ ଖୋର୍ଦ୍ଧା ଗଡ଼େ;
ପଳାୟିତ ଦଳ- ବେହେରା ନ ମିଳେ,
କପାଳ ଠୁକନ୍ତି କରେ ।
ଟେକ ମୁଣ୍ଡ, ଚାହିଁ ଦେଖିଲେ ଅଚିହ୍ନା
ଜନ ଯେ ହୋଇଛି ଠିଆ,
ଦାଢ଼ି ନଖ ବଢ଼ି ବନବାସୀ ଜଣେ;
ଛାତି ତଳେ ଥରେ ହିଆ ।

ପୁଚ୍ଛିଲେ, "କି କାର୍ଯ୍ୟେ ଆସିଛ, ଜଙ୍ଗଲୀ ?"
ଉତ୍ତର ଶୁଣିଲେ ଭୂପ—
"ତାପଙ୍ଗର ଦଳ- ବେଢ଼େଇ ମୁଣ୍ଡକୁ
ସୁନାଥଳି ଦେବ ପଶି ?
ମୁହିଁ ସେହି ଦଳ- ବେଢ଼େଇ, ମୋତେ ଏ
କୈବର୍ତ୍ତ ଆଣିଛି ଧରି;
ବଡ଼ ଦୁଃଖୀ ଜନ, ବଢ଼ାଅ ତା ଧନ,
ନଅ ମୋର ମୁଣ୍ଡ କାଟି ।"
ଶୁଣି କର୍ମବୀର ପଡ଼ିଗଲେ ଶୋଚି
ପୋତିଲେ ଦୁର୍ଦ୍ଧର୍ଷ ମଥା;
କାର୍ଯ୍ୟାଳୟୁ ସାରି ନୀରବ ନିସ୍ତବ୍ଧ
ମୁଖୁ କା ନ ଫୁଟେ କଥା ।

# ଭିକ୍ଷା ଦେବେ କାହୁଁ ?

ବହୁ ଶତ ବର୍ଷ ପୂର୍ବେ          ପୂଣ୍ୟ ଦେବାର୍ଚ୍ଚନେ
ରତ ଥିଲେ ଉତ୍କଳ-ନୃପତି;
ଘଣ୍ଟା ବାଦ୍ୟ ସ୍ତୋତ୍ର ବନ୍ଦୀ          ବନ୍ଦନା ଲହରେ
ଚତୁର୍ଦ୍ଦିଗୁ ମିଶେ ହୃଷ୍ଟଧ୍ୱନି ।
ଦ୍ୱାରେ କରଯୋଡ଼ି ଭିକ୍ଷୁ          ଶଙ୍କିତ ଭିକ୍ଷାର୍ଥୀ;
ଦେବାର୍ଚ୍ଚନେ ହୁଏ ସିନା ଝାରୀ,
ଦେବତା ଦର୍ଶନ ଶୁଭେ          କାମ୍ୟ ତାର ଲଭେ,
ଆସିଛି ସେ ଭିକ୍ଷା ନେବ ମାଗି ।
ଯଥାକାଳେ ଦେବାଳୟେ          ପ୍ରଣମିଲ ଭୋଳ,
ନରମଣି କଲେ ପ୍ରଣିପାତ;
କହିଲେ, "ଭିକ୍ଷା ମୋ, ଭର          ଏ ଧନ ଭଣ୍ଡାର
ଧନରତ୍ନେ, ହେ ଜଗନ୍ନାଥ ।"
ସାରି ନମସ୍କାର ନୃପ          ଉଠିଲେ ଭୂତଳୁ
ଫେରାଇଲେ ମୁଖ ଯିବାପାଇଁ;
ଦେଖନ୍ତି ଭିକାରି ଯାଏ          ବାହୁଡ଼ି ମନ୍ଦିରୁ,
ନ ବୁଝିଲେ ହେତୁ ନରସାଇଁ ।
ବିଧାନ ଶିରନ୍ତ ତାଙ୍କ          ଭିକ୍ଷା ଦେବା ଲାଗି
ମନ ତୋଷି ଦେବାର୍ଚ୍ଚନ ଅନ୍ତେ;
ଭିକ୍ଷୁକ ନ ଥିଲେ ଭିକ୍ଷା          ଅର୍ପିବେ କା କରେ ?
ବିଧି ରକ୍ଷା ହୋଇବ କେମନ୍ତେ ?
ଧାଇଲେ ଭିକ୍ଷୁକେ ଡାକି          ପଛୁଁ ନରଗଣ,
ପଚାରିଲେ, "ଯାଅ କହିଁ ଫେରି ?

ଯା ମାଗିବ ମାଗ, ଭିକ୍ଷା ଦେବି ମୁଁ ଆଗ୍ରହେ
ଏ ମୁହୂର୍ତ୍ତେ, ନାହିଁ ତିଳେ ଡେରି ।"
ଶୁଣିଲା ଭିକ୍ଷାର୍ଥୀ କର୍ଣ୍ଣେ, ଯୋଡ଼ି ବେନି କର,
ବଖାଣିଲା ଗମ୍ଭୀରେ ବଚନ,
"କୋଟିପତି ପାଶେ ପିତା ଆସିଥିଲେ ଆଶେ
କରିବାକୁ ସାର୍ଥକ ଜୀବନ ।
ବଡ ମୋ କୁଟୁମ୍ବ, ତହୁଁ ଧନ ଭିକ୍ଷା ଲାଗି
ଲୋଡ଼ିଥିଲେ ଶ୍ରୀସ୍ୱାମୀଙ୍କ ଭେଟ;
କି ଲାଭ ଭିକ୍ଷୁକ ହାତୁଁ ଘେନି ଭିକ୍ଷା ଦାନ ?
ଜାତି ଯିବ, ନ ପୂରିବ ପେଟ ।
ଶୁଣିଲେ ନୃମଣି, ଅର୍ଥ ନ ପାରିଲେ ବୁଝି;
ଭାବିଲେ, ବାତୁଳ ସେ ଜନ,
ତେବେ, ବ୍ରତ ରକ୍ଷା ପାଇଁ ଆଦେଶିଲେ, "ଭିକ୍ଷୁ
ପାତ ହାତ, ଘେନ ଭିକ୍ଷା ଧନ ।"
ପ୍ରସାରିଲା ନାହିଁ କର ଦରିଦ୍ର ଭିକ୍ଷାରୀ;
ପୁଣି ଥରେ କହିଲା ବଖାଣି,
"ଭିକ୍ଷାର୍ଥୀ ହାତୁ ତ ଭିକ୍ଷା ନେବା ନୁହେଁ ଧର୍ମ,
ବୁଝିଥିବେ ସ୍ୱାମୀ ମହାତ୍ମନ ।
ବିଭୁ ପୂଜ ନିଜେ ଭିକ୍ଷା ମାଗନ୍ତି ମହିମା,
ମୋତେ ଭିକ୍ଷା ଦେବେ ପୁଣି କାହୁଁ ?
ଯେ ଦେବେ ସ୍ୱାମୀଙ୍କୁ ଧନ ତାଙ୍କୁ ନିବେଦିଲେ,
ମୋ ମାନତା ନ ରହିବ ଆଜି ।"

# ମା ନା ଦେଶ ?

ଆକ୍ରମିଲେ ଆସି କାହୁଁ ଶତ୍ରୁ ସେନା ଶତ,
ସମଗ୍ର ଜାପାନ ରାଜ୍ୟେ ପଡ଼ିଲା ସଙ୍କଟ ।
କେ କହିଲା, "ବୁଡ଼ିଯିବ ଦେଶର ସମ୍ମାନ;"
କେହୁ କହେ, "ସ୍ୱାଧୀନତା ନାଶ ଗଲା ଜାଣ;"
"କି କଲେ ରହିବ ରାଜ୍ୟ ?" କେ ପୁଛିଲା ଦୁଃଖେ;
"ଆହା ମୋର ମାତୃଭୂମି !" ଡାକିଲା ଆଉ କେ ।
ସାରା ସେ ଜାପାନ ଦ୍ୱୀପେ ପଡ଼େ ହାହାକାର,
ରାଜ୍ୟରକ୍ଷା ଲାଗି ଯୁଦ୍ଧେ ସକଳେ ତିଆର ।
ତେବେ, ଜଣିଗଲା ବୈରୀ, ପଶିଲା ରାଇଜେ,
ଆପଦେ ଥରିଲେ ନୃପ ସିଂହାସନେ ନିଜେ ।
ପିନ୍ଧି ବର୍ମ ଆପେ, ଧରି କରବାଳ କରେ,
ସାମାନ୍ୟ ସୈନିକ ବେଶେ ଗମିଲେ ସମରେ ।
ପଛେ ଗୋଡ଼ାଇଲେ ଯେତେ ରାଇଜ ସେନାଣୀ,
ଶତ ଶତ୍ରୁ ମୁଣ୍ଡ ହେଲେ ବୁଲିଗଲେ ହାଣି ।
ତଥାପି ଅସଂଖ୍ୟ ଅରି ଆସିଲେ ତ ମାଡ଼ି,
ରଣଭୂମେ ଠିଆ ହେଲେ ଶତ ଲକ୍ଷ ଧାଡ଼ି ।
ଦେଖିଲେ ଜାପାନ ଭୂପ ବିଚାରିଲେ ମନେ,
"ସତେ ମୁଁ ଏ ଶତ୍ରୁ ନାଶି ଜୟୀ ହେବି ରଣେ !"
ସାରା ରାଜ୍ୟେ ପ୍ରଚାରିଲେ ଘୋଷଣା ସତ୍ୱର—
"ପ୍ରତି ଯୁବା ଯୁଦ୍ଧଭୂମେ କରିବ ସମର;
କେବଳ ଘରକେ ଜଣେ ରହିବ ନ ଯାଇ,
ଘରର ରମଣୀଗଣେ ସାହା ହେବାପାଇଁ;
ବାକି ଯେତେ ଯୁବା ଦେଶେ ନ ରହିବେ ଘରେ,
ତେବେ ରାଜ୍ୟରକ୍ଷା ସିନା ହେବ ମହୀତଳେ ।"

ଶୁଣି ରାଜଆଜ୍ଞା ରୁଣ୍ଡ ହେଲେ ରଣାଙ୍ଗନେ
ଲକ୍ଷ ଯୁବା, ନମି ଜନ୍ମଭୂମିର ଚରଣେ ।
ସମଗ୍ର ଜାପାନେ ବୀରଦର୍ପେ ଗଲେ ଅଶ
ବନ ପରବତ ନଦୀ, ଝକମ୍ପିଲା ଅର ।
ଥିଲା ଏକ ଘରେ ଯୁବା ବୟସେ ଅଠର;
ସମରେ ନ ଯାଇ ପାଣ ବ୍ୟଥିତ ଅନ୍ତର ।
ବୁଢ଼ୀ ମାଆ ଖରା ତାର ଭୁଲାଇବା ପାଇଁ
ସେ ଏକା ପୁରୁଷ ଘରେ, ଜଣେ ଆଉ ନାହିଁ ।
ରାଜ ଆଜ୍ଞା ମାନ, ପୁଅ ରହିଅଛି ଘରେ;
ଗାଇ ବୁଢ଼ୀ ପାଖେ ତାକୁ କହିଲା ଆଦରେ—
"ରାଜ୍ୟ ଲାଗି ନ ଯୁଝିଲେ, ଏକାଇର ବଳା,
ବାପା ଅଜା ମୁହେଁ ସିନା ଲଗାଇବୁ କଳା;
ଜାଇ ମୁଁ ଦେଖିବି, ଧନ, କପରି ନୟନେ ?
ମୁହିଁ ଚାଲିଗଲେ, ତୋତେ କେ ରଖିବ ଷଣେ ?
ବୀରବେଶେ ଯିବୁ, ବାବୁ, ଯୁଦ୍ଧଭୂମେ ଚାଲି,
ନାଶିବୁ ବଇରୀ, ରାଜ୍ୟ ରକ୍ଷିଯିବୁ ତାରି ।"
କହି ବୁଢ଼ୀ ପୁଏ ଧରି ଚୁମ୍ବିଲା କପୋଳ,
ମାଗିନେଲା ନେହମାରେ ମେଲାଣି ସତ୍ୱର ।
ଖଣ୍ଡାଧାରେ ଦେଲା ତହୁଁ କାଟି ନିଜ ମୁଣ୍ଡ;
"ନିଶ୍ଚିନ୍ତେ ଯାଅ ତୁ ଯୁଦ୍ଧେ" ତଳୁ କହେ ତୁଣ୍ଡ ।
ମାଆ ତୁଣ୍ଡୁ ଆଉ ପଦେ ନ ଶୁଣିଲା ପୁଅ,
ଦୁଇ ନେତ୍ରୁ ବହିଗଲା ଦୁଇ ଧାର ଲୁହ ।
ଚାଲିଗଲା ଘରୁ, ଶତ୍ରୁ ସଂହାରିଲା ରଣେ;
ରାଜ ଆଜ୍ଞା ରୋଧି ତାକୁ ନ ପାରିଲା ଷଣେ ।

## ※ ଅମର ବାଳକ

ଜଳଅଗ୍ନେ ଚଉଦି, ସର୍ବେ ଗଲେଣି ପଳାଇ,
ଏକାକିଆ ପିଲା ହୋଇଅଛି ଠିଆ;
ରଣ ନିଦାରୁଣ ଛନ୍ଦ ପ୍ରକାଶି ବିକଟ,
ଶବରାଶି ଉପରେ ଜଳୁଅଛି ନିଆଁ ।

ତେବେ ହେଲେ ପିଲା ଗୁରୁ ସହାସ୍ୟ ବଦନେ
ଠିଆଟି ହୋଇଛି, ନ ମାନି ଅନଳ,
ବୀର-ବଂଶଭବ ତାର ଧମନୀ-ଶୋଣିତ,
ପିଲା ସତ, ରୂପ ଗର୍ବ-ସୁମଧୁର ।

---

※ ଆଫ୍ରିକାର ନାଇଲ ନଦୀରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ୧୭୯୮ ସାଲରେ ଯୁଦ୍ଧ ହୋଇଥିଲା । ସେ ସମୟରେ ଗୋଟିଏ ଫରାସୀ ଯୁଦ୍ଧ ଜାହାଜର ଅଧ୍ୟକ୍ଷ ନିଜର ଦଶ ବର୍ଷ ବୟସର ପୁଅଟିକୁ ନେଇ ସେ ଜାହାଜରେ ଥିଲେ । ତାହାର ନାମ କାସାବାଂକା । ଜାହାଜ ଅଧ୍ୟକ୍ଷ କାସାବାଂକାକୁ କହିଲେ, "ମୁଁ ଫେରିବା ପର୍ଯ୍ୟନ୍ତ ତୁ ଏହି ସ୍ଥାନରେ ଠିଆ ହୋଇଥା ।" ଏହା କହି, ସେ ପୁଅକୁ ଜାହାଜର ଗୋଟାଏ ସ୍ଥାନରେ ଠିଆ କରାଇଦେଇ, ନିଜେ ଅନ୍ୟ ସ୍ଥାନକୁ ଚାଲିଗଲେ । ମାତ୍ର ସେ ଅଳ୍ପ ସମୟ ପରେ ଯୁଦ୍ଧରେ ମରିଗଲେ । ବାପା ଆସିବେ ବୋଲି କାସାବାଂକା ସେହି ଏକ ସ୍ଥାନରେ ଅପେକ୍ଷା କରି ଠିଆ ହୋଇ ରହିଲା । ଏ ସମୟରେ ଜାହାଜରେ ନିଆଁ ଲାଗିଲା । ସେହି ବିଷୟ ଏ ପଦ୍ୟରେ ବର୍ଣ୍ଣନା କରାଯାଇଛି ।

ଆଗୁ ଆଗ ଆସେ ବହ୍ନି; ପିତା ଅନୁମତି
ନ ପାଇ, ଆସ୍ଥାନୁ ନ ଘୁଞ୍ଚେ ପିଲାଟି;
ବାପା ତ ସେ ଶୋଇଛନ୍ତି ମରଣ-ତଳପେ,
ଦୂରୁ ତାର ଏବେ ନ ଶୁଣନ୍ତି ପାଟି ।

ଗୁରୁ ସ୍ୱରେ ପୁଚ୍ଛେ ଡାକି, "କହ, ବାପା, କହ,
ରହିବା ମୋ ଏଥି ଲୋଡ଼ା କି ହେ ଆଉ ?"
ନ ଜାଣେ କଅଁଳେ ପିଲା ବାପାଙ୍କ କି ଦଶା,
ଏତେ ଡାକ ତାର ଶୁଣିବେ ସେ କାହୁଁ ?

"କହ, ବାପା, ବେଗେ," ପୁଣି ପୁଚ୍ଛିଲା ପିଲାଟି
"ଯାଇକ'ପାରିବ ଏଥୁ ଏବେ ମୁଁ ହିଁ ?"
ରଣ-ତୋପମାନ, ଆହା, ଦିଅନ୍ତି ଉତ୍ତର
ଜଳି ଆସେ ବହ୍ନି ବେଗୁ ବେଗ ହୋଇ ।

କପାଳେ ଲାଗିଲା ତାର ପ୍ରଖର ସେ ଶ୍ୱାସ,
ମୁକୁଳିତ କେଶ ପରଶିଲା ଖରେ;
ସେ ମୃତ୍ୟୁ ନିଜନ ପୀଠୁଁ ଅନାଇଲା ପିଲା
ନିରାଶେ, ତଥାପି ସାହସ ଅନ୍ତରେ ।

ଆଉ ଥରେ ଶୁଣି ଉଚ୍ଚେ ଡାକିଲା ସେ ଯାଇ,
"କହୁଛ କି, ବାପା, ରହିବ ମୁଁ ଏଥି ?"
ସେତେବେଳେ ତହିଁ ପାଲେ ରଜ୍ଜୁରାଶି ଭେଦି
ବେଗୁ ବେଗ ବହ୍ନି ଆସୁଥାଏ ମାତି ।

ଶ୍ୟାମ ଶୋଭିବନେ କ୍ଷଣେ          ଜଳିଲା ତରଣୀ
    ଜଳିଲା ଗଗନେ  ତରଣୀ-ପତାକା;
ସମୀରଣେ ରଣଧ୍ୱଜା          ସମ ସେ ଅନଳ
    ଘୋଟି ପିଲାଟିରେ ବଢ଼ିଲା  ଶିଖା ।

ନିମିଷେ ଶୁଭିଲା ତହୁଁ          ଘନ ବଜ୍ର ନାଦ,
    ପିଲାଟି ସେ-ଆହା, କାହିଁଛୁ ପିଲାଟି ?
ଯେ ପବନେ ଉଡ଼ିଗଲା          ଭସ୍ମ ଖଣ୍ଡମାନ
    ପୁଚ୍ଛ ତାରେ, ଏକା କହିବ ସେହିଟି ।

ଉଡ଼ିଗଲେ ସ୍ତମ୍ଭ, କାଠ,          ତରଣୀ-ନିଶାଣ,
    ଭସ୍ମ-ବକ୍ଷେ ଯେତେ ଅତୁଳନ ଶିଶୁ;
ନିଠୁର ଦହନେ ମଲା          ପୋଡ଼ି ସେ ପିଲାଟି,
    ଏ ମରତେ, ଆହା, ହେବ କେ  ତା ସରି ?

# ✳ ମର୍ତ୍ତ୍ୟ ନାହିଁ ତୁ ଏକା

ଦୂର ପରବାସେ ଚାଲି ଯିବେ ଭାଇ,
ବରଜ କୁଟୀର ସୋହାଗ ଶିଶୁ;
ସେ ଲାଗି ସଙ୍ଗରେ ଆସିଛୁ ପିଲାଟି,
ଅଧବାଟେ ଦେବ ମେଲାଣି ବୋଲି ।
ବନ ଝଲ କେତେ ପାରି ହୋଇ ଆସି,
ତରୁ ତଳେ ବସି ରହିଲେ ବେନ,
ସେଇଠାରେ ଯିବେ ଦୁହେଁ ଦୁଇ ଆଡ଼େ,
କେତେ ଯୁଗ ଲାଗି ମେଲାଣି ଦେନ ।

"ଦେଖୁଛୁ ତ, ବାବୁ ବନ ଗିରି ଘୋଟି
କି ଘୋର ବରଷା ଆସୁଛି ମାଡ଼ି,
ଯାଅ ତୁ ତୁରିତେ କେତେ ବାଟ ଯିବୁ,
ମୁଁ ତ ଏହିକ୍ଷଣି ଯିବଇଁ ଚାଲି ।
ଝଲ ବଣ ବାଟେ ଦେଖି ଚାହିଁ ଯିବୁ,
ନ ଛନ୍ତୁ ପାଣି, ଠେକବୁ ଛତ,
ବସି ଉଠି କାହିଁ ହେଳା ନ କରିବୁ,
କଲେ ହେଳା ହୋଇଯିବ ରେ ରାତି ।

---

✳ ରଣପୁର ଗଡ଼ଜାତ ରାଜ୍ୟ ଥିଲା, ଏବେ ପୁରୀ ଜିଲାର ଅନ୍ତର୍ଗତ ହୋଇଛି । ରଣପୁର, କବିଙ୍କ ଜନ୍ମସ୍ଥାନ ବାଣପୁରକୁ ଲାଗିଛି । ମଣିନାଗ ପାହାଡ଼ ତଳେ ରଣପୁର ଗଡ଼ । ମଳାଗୁଣି ନଈ ରଣପୁର ଗଡ଼ ପାଖେ । ତାହା ଦୟା ନଦୀରେ ପଡ଼ି ଚିଲିକାକୁ ଯାଇଛି ।

ଭୋକ କଲେ ବାଟେ                    ଖାଇବୁ, ବାବୁ ରେ
        ଶୋଷ କଲେ ପାଣି ପିଇବୁ ନଈ,
ତୁହେଁ ସିନା ଥିଲେ                    ଆସି ହସି ଖେଳି,
        ଏକା ତୁହି ଚାଲି ପାରିବୁ ଟି କି ?"

ନିଜ ପିନ୍ଧା ଖଣ୍ଡି                    ପାଲଟି ଭାଇଟି
        ଭାଇରେ ବସନ ଦେଲା ପିନ୍ଧାଇ,
ବାଟେ ଚାଲ ବନେ                    ମେଘ ବରଷିବ
        ଦେଲା ଭାଇ ହାତେ ଛତିଟି ନେଇ ।
ନିଜ ବାଟ ଖର୍ଚ୍ଚ                    ଖେଣ୍ଡି ସେ କହିଲା,
        ଦେଇ ଭାଇ ହାତେ କଉଡ଼ି ଗଣି,
"ଗାଆଁରୁ ଗାଆଁକୁ                    ପନ୍ଥିଁ ଯାହା ମିଳେ
        ଖଜା ପିଠା ମୁଆଁ ଖାଇବୁ କିଣି ।
ବୋଉକୁ କହିବୁ                    ଭାଇ ଗଲେ ସୁଖେ
        ସାଥି ସାଙ୍ଗ ବାଟେ ମିଳିଲେ କେତେ,
ଖରା ବରଷା ତ                    ନ ଥିଲା ଦେଖିଛୁ
        ବାଟ ଶ୍ରମ ହୋଇ ନ ଥିବ ପ୍ରତେ ।
କହିବୁ ମୋ ଲାଗି                    ଭାଳିବ ନାହିଁଟି,
        କାନ୍ଦିଲେ, ବାବୁ ରେ, କରିବୁ ତୁନି,
ରାତି ହେଲେ ଯାଇ                    କୋଳେ ଶୋଇଥିବୁ
        ବଞ୍ଚିଛି ପରା ସେ ଆମରି ଧେନି ।
ଘରେ ଗଲେ ସୁଖେ                    ଖେଳିବୁ ବୁଲିବୁ
        ମୋ କଥା ମନେ ତୁ ହେଜିବୁ ନାହିଁ,
ଯାଉଛି ସିନାରେ                    ଚାଲି ଆଜି ବାବୁ,
        ମାସେ ନୋହୁ ଫେରି ଆସିବି ମୁହିଁ ।

ମଲ୍ଲୀ ଗଛଟିରେ ଦେଉଥିବୁ ପାଣି,
ଶୁଆଟିକି ଦୁଧ ଦେବୁ ରେ ନିତି;
ହେଳା ନ କରିବୁ ମୁଁ ଫେରି ଆସିଲେ
ଆଣିଥିବି ଭଲ ପଞ୍ଜୁରି ଗୋଟି ।
ଯାଆ ଏବେ ଯାଆ ଠିଆ ମୁଁ ହୋଇଛି,
ସେ ବାଙ୍କ ସଡକ ହେଲେ ତୁ ପାରି,
ଆଜି ଯେବେ ତୋରେ ନ ଦେଖି ପାରିବି
ମୋ ବାଟେ, ବାବୁ ରେ ଯିବି ମୁଁ ଚାଲି ।"

ଗଲା ଭାଇ ପାଶୁଁ ଠିଆ ସେ ହୋଇଛି,
ଭାଇ ଲୁଚିଗଲା ସଡ଼କ ବାଙ୍କେ,
ପୋଛି ଟପ ଟପ ନୟନୁଁ ଲୋତକ,
ଧୀରେ ପାଦ ଚାଳି ଚାଲିଲା ଦୁଃଖେ ।
ବରଷା ବତାସି ମାଡ଼ି ଯେ ଆସିଲା,
ଛତା ନାହିଁ ହାତେ ତିନ୍ତିଲା ତନୁ;
ସାହା ସାଥି ନାହିଁ, ଶୋକ ଯେ କରୁଛି,
ଭାଇ କଥା ଭୁଲି ନ ପାରେ ମନୁ ।

"ଏକାଠିରେ କେବେ ଛାଡ଼ି ତ ନ ଥିଲି
ଘରୁ ନୋହିଥିଲୁ ବାହାର ଦିନେ,
ଏ ପାଣି-ପବନେ ବିଲ-ବଣ-ବାଟେ
ଚାଲୁଥିବୁ ବାବୁ, କି ହୀନମାନେ !
କାନ୍ଦିଲେ, 'କାନ୍ଦନା' କିଏ କହିବ ରେ,
ଲୁହ ପୋଛିଦେବ ତୁନଟି କରି ?
ମାଆ ମଣିନାଗ, ମୋ ଦୁଃଖୀ ଭାଇରେ
ସଙ୍ଗ ଶୁଭେ ଆଜି ନିଅ ଗୋ ଚାଲି ।"

ଏକାଟିରେ ବାଟେ ଭାଳ ଏତେ ମନେ
ମିଳଲା ସଙ୍ଗେ ସେ ପ୍ରବାସ ବାସେ,
ମାଆ ଭାଇ, ବୋନ ତରୁଣ ସଙ୍ଗାନ
ମୁରୁଛି, ଏକାଟି ରହିବ ମାସେ ।
ମାସକ ଅନ୍ତରେ ଫେରିବ ଘରେ ସେ,
ଭାଇରେ ଦୋସର ଦେଖିବ ଯାଇ,
କେତେ କବା ନେବ ଭଲ ଦ୍ରବ୍ୟ ବାଛି,
ପଞ୍ଜୁରି ତ ନେବ ଶୁଆଟି ପାଇଁ ।

ଭାଇଟି ତାର ଯେ ବାଟ ଭୁଲି ଏଣେ,
ଆସୁଛି ବରଷା ବତାସି ସହି,
ଛତିଟି ଧରିଛି ହାତେ ସେହିପରି,
ଭ୍ରମେ ମାତ୍ର ଥରେ ନ ହୁଏ ଫେଇ ।
କଉଡ଼ି ମୁଠିଟି ଖୋସି ରଖିଅଛି
ଭୋକେ ଶୋଷେ ତାର ଜଳୁଛି ପେଟ,
ଗାଆଁରୁ ଗାଆଁକୁ ଖଜା ପିଠା କେତେ
ଦେଖେ, କିଣିବାକୁ ନ ଯାଏ ହାତ ।
ବସି ଉଠିଯାଏ ବଣ-ବିଲ-ବାଟେ,
ସାହା ସାଥି ଜଣେ ନାହାଁନ୍ତି କେହି,
କେତେ ବାଟ ତାର ଯିବାକୁ ଅଛି ତ
ଅନ୍ଧାର ଘୋଟି ଯେ ଆସିଲା ମହୀ ।
ସାଇଁ ସାଇଁ ବହି— ଆସିଲା ପବନ
ଟପ ଟପ ପାଣି ବରଷେ ଟାଣେ,
ବିଜୁଳି ଚମକ, ଘଡ଼ଘଡ଼ି ନାଦେ
ବଣଜନ୍ତୁ ନାହିଁ ବୁଲନ୍ତି ବଣେ ।

କେତେ ବନ ଗିରି ପାରି ହେଲା ପିଲା,
ଭାଇ କଥା ମନେ ହେଉଛି ଭାଳ,—
"ଏକାଟିରେ ମୁହିଁ ଚାଲି ଯେ ଆଇଲି
କେତେ ଆହା ନୋହୁଥିବେ ସେ ଘାରି ।
ପରବାସେ ଯାଇ କେଉଁ ଗଛ ମୂଳେ
ବସିଥିବେ ଦୁଃଖେ ମଥାଟି ପୋତି,
ଆହା ବୋଲିବାକୁ କାହିଁ କେ ନ ଥିବ,
ପାଇବ କପରି ଏ କାଳ ରାତି ?"
ସେ କାଳ ରାତି ଯେ ପାଉନାହିଁ ତାରି,
ବାଟ ବଣ କିଛି ନୋହୁଛି ବାରି,
ଘନୁଁ ଘନ ବଳି ହେଉଛି ଅନ୍ଧାର,
ଯେତେ ଦୂର ସେତୁ ଯାଉଛି ଚାଲି ।
ନଈ ବହିଯାଏ କଳ କଳ ନାଦେ
ପେଲିନଏ କେତେ ପଥର କାଠ,
ଆଖି ବୁଜି ପିଲା ପଡ଼ିଲା ତ ଡେଇଁ
ଆର କୂଳେ ପରା ମିଳିବ ବାଟ ।

ପରବାସେ ଭାଇ ଗଣୁଅଛି ଦିନ
ମାସକ କଣ ତ ପୂରିଲା ଆସି;
ରାତି ହେଲେ ତାକୁ ନିଦ ଯେ ନୋହୁଛି,
ଦିନ ବେଳେ ଥିରେ ନପାରେ ବସି ।
କେତେ ନୂଆ ଦ୍ରବ୍ୟ ବାନ୍ଧୁଛି ସଙ୍ଗରେ,
ପଞ୍ଜୁରିଟି ହାତେ ଅଛଇ ଧରି,
ସେହି କାଳ ବଣ ବାଟେ, ଚାଲି ଭାଇ
ଚହ୍ଲା ଗଛ ତଳ ହୋଇଲା ପାରି ।

ଘରେ ଆସି ଦେଖେ          ଶୁଆ ନାହିଁ ଆଉ
ମଲ୍ଲୀ ଗଛ ଶୁଖି ହେଲଣି ହାଡ଼,
'କାହିଁ ଯାଇ ମୋର' ?          ଉତ୍ତର ଦଅନ୍ତା
କଥା ନାହିଁ ଆସେ ତୁଣ୍ଡକୁ ତାର ।
ମଣିନାଗ ଗିରି          ତୋଳୁଛି ତା ମଥା
ମଦାଗ୍ନି ସୁଅ ତ ନୋହୁଛି ଜଣା,
ରଣପୁରେ ଅଛି          ସବୁ ସେହିପରି
ଯାଇଛି ତା ମର୍ତ୍ତ୍ୟ ନାହିଁଛି ସିନା ।

# * ଲୁଚିଦେଲା ଆଖି

ଉଡ଼ିଯାଇଅଛି ନଡ଼ା, ବତା ନାହିଁ ଘରେ,
ଏ ଯେ ବଖରାଏ ଘର ଗ୍ରାମର ବାହାରେ ।
ପାଞ୍ଚ ବର୍ଷ ଅବା କାହିଁ ନାହିଁ ଲୁଣ୍ଡା ବାଜି;
ଅଗଣା ଚାହାଳି ପିଣ୍ଡା ପଡ଼ିଅଛି ଭାଜି ।
ପାଖ ଗଛେ ଦିବସେ ତ ରାବେ ପେଚା ବସି,
ଭୁକନ୍ତି ବିଲୁଆ ପଲ ଘର ମଧ୍ୟେ ପଶି ।
ଜନ ପ୍ରାଣୀ କେବେ ରହି ପାରନ୍ତି ସେ ଘରେ ?
ଗାଆଁ ପିଲେ ନ ମାଡ଼ନ୍ତି ପାଖ କୋକ ଡରେ ।
ସେହି ଘରେ ଶୋଇଅଛି ଭୂଇଁଶେଯ ପାଡ଼ି
ସତୁରି ବରଷ ବୁଢ଼ୀ ନିର୍ଭୟେ ଏକାଟି ।
ପତି ତାର ଥିଲା ଦିନେ ଗାଆଁ ଚଉକିଆ,
ସେକାଳ ଭାବିବ ମନେ କେ ଶୁଣିବ କଥା ?
ଦଇବ ନ କରେ ବାଛି, ଗଲା ତାକୁ ଘେନି;
ନେଇଥାନ୍ତା, ନେଲା ନାହିଁ ପତିପତ୍ନୀ ବେନି ।
ଭାଗଚୂଡ଼ା ହୋଇ ପୁଅ ରହିଛି ଅଲଗା;
ଯୁବା ଯୁବତୀଙ୍କି କାହିଁ ବାପା ମାଆ ପଦା ?

---

* ଏହା ଏକ ସତ୍ୟମୂଳକ ଘଟଣା । କବିଙ୍କ ଜନ୍ମସ୍ଥାନ ଶ୍ରୀନିବାସପୁର ଗ୍ରାମର ଏକ ପ୍ରାନ୍ତରେ ଗ୍ରାମ ଚଉକିଦାରର କୁଡ଼ିଆ ରହିଥିଲା । ଚଉକିଦାରର ମୃତ୍ୟୁପରେ, ତା ପୁଅ ମାକୁ ଛାଡ଼ି, ଭାର୍ଯ୍ୟାକୁ ଧରି ଅନ୍ୟତ୍ର ଚାଲିଗଲା । ତେଣିକି ମାଆଟି ନିଜେ ପରିଶ୍ରମ କରି, ମୁଣ୍ଡଟାଳ ଶୁଣ୍ଡରେ ମାରି ଚଳିଲା । କବି ପରେ ପ୍ରବାସରୁ ଫେରି ତାର ମୃତ୍ୟୁବର୍ତ୍ତା ଶୁଣିଲେ ।

ବାଆନ ବରଷ ହେଲେ ବୁଢ଼ୀ ଗୁଣ୍ଟିଆଣୀ
ନିଜ ଉପାର୍ଜନେ ଯେତେ ହଏ ଅନ୍ନ ପାଣି ।
ଶେଷେ ଗୋଡ ରହିଗଲା, ନ ପାରିଲା ଉଠି;
ଜଠରେ ପଡ଼ିଲା ନାହିଁ ନିତ୍ୟ ଅନ୍ନମୁଠି ।
ଧରିଲା ଗ୍ରହଣୀ ବ୍ୟାଧି, କଲା ଅସମ୍ଭାଳ;
ତଳେ ବୁଢ଼ୀ ଘୁଷୁରିଲା, ନ ତୁଟଇ କାଳ ।
ମଳମୂତ୍ରେ ଘାଣ୍ଟି ସେହୁ ହେଲା ଦିନୁ ଦିନ;
ଯେତିକି ଘଟେ ତା କ୍ରମେ ଆୟୁ ହେଲା କ୍ଷୀଣ ।
ଅସ୍ଥି ଚର୍ମ ହେଲେ କିଛି ନ ରହିଲା ଆଉ,
ବନ୍ଧ ପଗ ଶୁଙ୍ଘାଉଛି ଯଉବନ-ଦାଉ !
ହେଲେ ରବି ବୁଡ, ମାଡ ଆସିଲା ରଜନୀ,
ନିବିଡ଼ ଅନ୍ଧାରେ ଗଲା ନିମଜ୍ଜି ଧରଣୀ ।
ଗାଆଁ ମଧ୍ୟେ ଖାଇ ପିଇ ଗାଆଁ ଯାକ ଲୋକେ
ଯେ ଯା ବାସେ ନିଦ୍ରାକୋଳେ ଶୋଇଲେ ନିଧୋକେ ।
କେତେ ପେଚ୍ଚ ରାବ ଦେଲେ, କେତେ ଶିବା ଶ୍ୱାନ,
ନିଦ ନ ଭାଙ୍ଗିଲା କାର, ନ ଶୁଣିଲା କାନ ।
କେତେ ଯମଦୂତ ଦାଣ୍ଡେ ବୁଲିଲେ ଅନ୍ଧାରେ,
ଗ୍ରାମେ ଜଣେ ନ ଦେଖିଲା ଘୋର ନିଶାକାଳେ ।
ଯୁବା ଦେଖିଲା ନିଦ୍ରେ ସୁବର୍ଣ୍ଣ ସ୍ୱପନ,
ଶିଶୁରେଳ ନିବାରିଲା ଜନନୀର ସ୍ତନ ।
ଏଣେ, ହୁଏ ଛଟ ପଟ ଗୁଣ୍ଟିଆଣୀ ବୁଢ଼ୀ,
ଖୋଜେ ବାଟ ପ୍ରାଣବାୟୁ ଯିବାପାଇଁ ଉଡ଼ି ।
କୋଉଛି ଡାକ କା'କୁ ବ୍ୟାକୁଳେ ସେ କେତେ—
ପୁଅ ବୋହୂ ସାଥୀ ନାତି ନାତୁଣୀ ତା ଯେତେ ।

ଖଣ୍ଟୁଁ ଖର ବହିଗଲା ନାକରୁ ନିଶ୍ୱାସ;
ହିକା ଉଠି ଗଲା କମ୍ପି ଅବନୀ ଆକାଶ ।
ଅଯୁତ ଯୋଜନ ଦୂରେ ଶୁଣିଥିବ ଯମ,
ଅଳ୍ପେ ଅବା ଦ୍ରବିଥିବ କଠୋର ତା ମନ ।
ଚଗଟି ଚାହିଁଲା ବୁଢ଼ୀ କୋରଡ଼ିଆ ଆଖି,
ଦାନ୍ତ କଡ଼ମଡ଼ କରେ ଯମଦୂତେ ଡାକି ।
ପଡ଼େ, ଉଠେ, ପୁଣି ପଡ଼େ, ନ ପାରେ ସେ ବସି;
ଭୟେସୁ କାଳ ପାଶେ ସତେ ପାରୁନାହିଁ ପଶି ।
ସନ୍ନିପାତ ବେଳର ତା ବିକଟ ମୂରତି;
ଅସ୍ଥି ଚର୍ମେ ଆବିର୍ଭୂତ କାହୁଁ କି ଶକତି !
ଶେଷେ ଥିରୁ ହେଲା ବୁଢ଼ୀ, ଆସିଗଲା କାଳ;
ବେନି ନେତ୍ରୁ ବହିଗଲା ବେନି ଅଶ୍ରୁଧାର ।
ପୁରୁଣା ଦଦରା ତାର ଜୋର ଗୋଟି ଗୋଟି
ଅଳ୍ପ ଟାଣେ ଛିଣ୍ଡାଇ ସେ ଦେଲା ତଳେ ଲୋଟି ।
ହାତ ଯୋଡ଼ିବାକୁ ସିନା ନ ପାଇଲା ବଳ,
ନମସ୍କାରେ ମଥିଁ ନେଲା ମେଲାଣି ସତ୍ୱର;
ଯେ ମତେଁ ଜୀବନେ ଦୀର୍ଘ ବରଷ ସତୁରି,
ବିନାଯୁଦ୍ଧେ ଯମ ସଙ୍ଗେ ଲଢ଼ିଥିଲା ବୁଢ଼ୀ;
ଧପଧପ ଜଳି ଦୀପ ନିଭିଲା ପବନେ,
ବୁଜି ଆହା ଦେଲା ଆଖି ସେ ବିଜନ ଗାଏଁ ।
କେତେବେଳେ ପାହିଥିବ କେଜାଣି ସେ ରାତି,
ସତେ ପାଇଥିବେ ବାର୍ତ୍ତା କୁଟୁମ୍ବ ଗିଆଁତି ?

# ଖାଉପୁର ନ୍ୟାୟ

ଜପତପେ ସିଦ୍ଧପୂତ କୁଟିଳ ବାବାଜୀ,
ଅଷ୍ଟାଙ୍ଗ ଶରୀରେ ଭସ୍ମ ଆଚ୍ଛାଦେ ବିରାଜ,
ଦିନେ ଚେଲାଙ୍କ ସହିତ
ଖାଉପୁର ରାଜ୍ୟେ ଆସି ହେଲେ ଉପନୀତ ।

ସେ ରାଜ୍ୟେ ଏକଇ ମୂଲ୍ୟ ସବୁ ଦ୍ରବ୍ୟ ପାଇଁ,
ସୁନା ରୂପା କୁଣ୍ଡା ସାରୁ ମଧ୍ୟେ ଭେଦ ନାହିଁ
ଚେଲା କହନ୍ତି ତା ଦେଖି,
"ନ ଯାଇ ଅନ୍ୟତ୍ର ଆସେ ଏ ରାଜ୍ୟ ରହିବି ।"

କରି ନାସ୍ତି ବାରମ୍ବାର ବାବାଜୀ ପ୍ରଥମେ,
ସ୍ୱୀକୃତି ଭଣିଲେ ଶେଷେ ଚେଲାଙ୍କ ବଚନେ;
ଦିନେ ବସି ନରପତି
ନରହତ୍ୟା ମକଦ୍ଦମା କରନ୍ତି ନିଷ୍ପତ୍ତି ।

ମୃତ୍ୟୁ ଘଟିଅଛି ଭାଙ୍ଗି ପଥର ପାଚୀର;
ସେ ଲାଗି ହୋଇଛି ଧରା ଆସାମୀ ମିସ୍ତ୍ରୀଏ;
ମିସ୍ତ୍ରୀ କରେ ନିବେଦନ,
"ମୁଁ ନୁହେଁ ପ୍ରକୃତ ଦୋଷୀ ବୁଝନ୍ତୁ ରାଜନ !"

“ପାଚୀଶଠା ଗଢ଼ୁଥିଲି ବସି ମୁଁ ଯେକାଳେ,
ନାରୀ ବାଟେ ଗଲା ଶୋଭି ବହୁ ଅଲଙ୍କାରେ;
ଆଖି ରହିଲା ମୋ ଲାଖି,
ସେ ଯୋଗେ ଘଟିଲା ଖୁଣି, ଈଶ୍ୱର ମୋ ସାକ୍ଷୀ ।”

ତାକୁ ଖୁଣ୍ଡି ନାରୀ ମୁଣ୍ଡେ ପଡ଼ିଲା ଚଡ଼କ,
ନାରୀ କହେ, “ମୋତେ ଦଣ୍ଡ ଦିଅ ନିରର୍ଥକ,
ମୋର ଯେତେ ଅଲଙ୍କାର
ବଳମ୍ବେ ବଣିଆ ଆଣି ଦେଲା, ମୁଁ ନାଚାର ।”

ବଣିଆ ଆସିଲା ବେଗେ ହୋଇ ତହିଁ ଧରା,
କହିଲା, “ନ ଥିଲା ମୋର ହାତଆର ପରା,
ଦେଲା ଉତ୍ତରେ କମାର;
ତାକୁ ଧରି ଶୂଳୀ ଦିଅ, ଆହେ ଗୁଣାଗାର !

କମାର ମାନିଲା ଦୋଷ, ହେଲା ଶୂଳୀଦଣ୍ଡ;
ମାତ୍ର ସେ କହିଲା, “ମୋତେ ଶୂଳୀ ଦେବା ପଣ୍ଡ;
ନିତି ପିଟେ ମୁଁ ହାତୁଡ଼ି;
ପିଠି ମୋର ପଟ୍ଟେ ଉଠେ, ନ ଲାଗିବ ଶୂଳୀ ।”

ମୋ ଶାଳ ସମୀପେ ବସି ବରଗଛ ଛାୟେ
ବାବାଜୀ କରନ୍ତି ଜପ ଇଷ୍ଟଙ୍କ ପ୍ରାପ୍ତେ;
ଶୂଳୀ ଦେବାର ପାଇଁ
ତାଙ୍କ ଭଳି ଥସ୍ଥୂଳଜନ ସାର ମର୍ତ୍ତ୍ୟେ ନାହିଁ ।”

ଶୁଣିଲେ ବାବାଜୀ ବଜ୍ର ପଡ଼ିଲାଣି ଶିରେ,
ଚେଲା ସଙ୍ଗ ମନ୍ତ୍ରଣାରେ ବସିଗଲେ ଧୀରେ;
କଥା ସ୍ଥିର ଶେଷେ ହେଲା—
ଆଗେ ଶୂଳ ଘେନବାକୁ ବାହାରିବେ ଚେଲା ।

ଶୂଳଖୁଣ୍ଟ ପାଶେ ବିଜେ ରାଜା ମନ୍ତ୍ରୀ ବେନି,
କହନ୍ତି ଚେଲା, "ମୁଁ ଆଗେ ଯିବି ଶୂଳ ଘେନି";
ନାସ୍ତି କରନ୍ତି ବାବାଜୀ;
କହନ୍ତି, "ଆଗେ ମୁଁ ଯିବି, ଏଠା ବଡ଼ ପାଜ ।"

ବାବାଜୀଙ୍କୁ ନ ଶୁଣନ୍ତି ଚେଲା ତ ଶୂଳକ,
କହନ୍ତି, ପ୍ରଥମେ ଶୂଳ ଘେନିବେ ସେ ଜକ,
ଅତି ବଚନ ବେଭାର
ଆଗ ମରିବାକୁ କାହିଁ ଏସନ କଟାଳ ?

ତଥ୍ୟ ବୁଝିବାକୁ ପ୍ରଶ୍ନ ପଚାରନ୍ତେ ନୃପ,
କହିଲେ ବାବାଜୀ, "ଅତି ପବିତ୍ର ଏ ଯୂପ;
ଶୂଳ ଘେନିଲେ ପ୍ରଥମେ,
ରାଜା ହେବା ଲେଖେ ଶାସ୍ତ୍ରେ ଭବେ ଆର ଜନ୍ମେ ।

"ଦ୍ୱିତୀୟେ ଘେନିଲେ ଶୂଳ, ମିଳେ ମନ୍ତ୍ରି ପଦ;
ରାଜା ହେବ, ଆସ୍ପର୍ଦ୍ଧା, ମୁଁ ଥାଉଁ ଏ ବଳଦ !
ଗୁରୁ ଯେଣୁ ମୁହିଁ ତାର,
ମୁଁ ରାଜା, ସେ ମନ୍ତ୍ରୀ ଯିବା ଉଚିତ ବିଚାର ।"

ଶୁଣି ରାଜା ମନ୍ତ୍ରିବରେ କହିଲେ ତକ୍ଷଣେ,
"ପୁଣ୍ୟବଳେ ରାଜା ମନ୍ତ୍ରୀ ହେଲେ ଏ ଜନମେ;
ଏବେ କେ ପାରିବ କହି,
ଆର ଜନ୍ମେ ଭାଗ୍ୟେ ପୁଣି କିସ ଅଛି ରହି ?"

"ଏ ମାହେନ୍ଦ୍ର ଯୋଗ ଆଜ ନ ଯିବାଟି ହୁଡ଼ି,
ମୁହିଁ ରାଜା ହେବି, ଆଗେ ଘେନେ ତେବେ ଶୂଳି;
ତୁମେ ମନ୍ତ୍ରୀ ହେବ ମୋର,
ପଛେ ଶୂଳିଖୁଣ୍ଟେ ବସ, ତୁଟୁ ଗଣ୍ଡଗୋଳ ।"

ରାଜ୍ୟସାରା ପ୍ରଜାବର୍ଗ ହୋଇଗଲେ ଠୁଣ୍ଡ,
ଚକିତେ ବୃତ୍ତାନ୍ତ ସର୍ବେ, ନାହିଁ ପାଟିତୁଣ୍ଡ;
ନେତ୍ରେ ଦେଖିଲେ ଆନନ୍ଦେ,—
ଯେ ବେନ ବସିବେ ସାମ୍ନା ରାଜା ମନ୍ତ୍ରି ପଦେ ।

କେତେ ଶତ ବର୍ଷ ବିତିଗଲାଣି ଜଗତେ,
କାଳସ୍ରୋତେ ହୋଇଗଲାଣି ଭଙ୍ଗାଗଢ଼ା କେତେ,
କିନ୍ତୁ ଖଣ୍ଡପୁର ନ୍ୟାୟ
ଭଲୁଗୁଣା ମନ୍ତ୍ରୀତନ୍ତ୍ର ନ ଯାଉଛି ହାୟ !

# ମଧୁସୂଦନ

ଉତ୍କଳ-ବରେଣ୍ୟ ସୂନୁ ହେ ମଧୁସୂଦନ,
ତୁମ୍ଭ ଲାଗି ଏକା ଆଜ ଏ ଉତ୍କଳ ଧନ୍ୟ ।
ଦେଶ ବିଦେଶେ ତ ତାକୁ ଚହ୍ନାଇଲ ଲୋକେ,
ତା ଖ୍ୟାତି ଘୋଷାଇଲ ପରଜନ-ମୁଖେ ।
ଜଗତ ଅନନ୍ତ-ସ୍ରୋତେ ଚଳାଇଲ ନେଇ
ପୂଣ୍ୟ କରପୁଟେ, ନିଜେ କର୍ଣ୍ଣଧାର ହୋଇ ।
ଅଜ୍ଞାତ ଅକ୍ଷୟ ଶିଶୁ ଅଜ୍ଞାତ-ଗରଭେ,
ଲୁଚି ସିନା ରହିଥାନ୍ତା ଜନନୀର ଭବେ ।
କି ନବ ଜୀବନ-ବାରି ସିଞ୍ଚି ଅବହେଳେ,
ନବ ଜୀବ ଦାନ ଆଜ କରିଛ ଉତ୍କଳେ ।
ସ୍ୱପନ-ଦୁର୍ଲ୍ଲଭ ଏହି ନବ ଜାଗରଣେ
ବିରାଜୁଛ, ଦେବ, ପୁଣ୍ୟ କନକ-ଆସନେ ।
ବସି ରାଜଦରବାରେ, ହେ ବର ସନ୍ତାନ,
ଅର୍ଜିଛ ଜନନୀର ବହୁ ସନମାନ ।
ଶାସକ ଦୁଆରେ ପ୍ରଜା ଦାବି ଅଛି ଯେତେ,
ଶିଖାଇଛ ଉତ୍କଳକୁ ମରମ ସଙ୍କେତେ ।
ଘରେ ଘରେ, ଉତ୍କଳର ଇଷ୍ଟ ଦେବ ପରି,
ତୁମ୍ଭ ନାମ ଘୋଷୁଛନ୍ତି କୋଟି ନରନାରୀ ।
ବାଳ ବୃଦ୍ଧ ଯୁବା ବାଳା ବନିତା ବଦନେ
କାହିଁ ନାହିଁ ତୁମ୍ଭ କଥା ହୃଦ-ଆରାଧନେ ?
ସାଗର ଶଇଳ ଗ୍ରାମ ବନ ପଦାବଳେ
ତଡିତ ପରଶ ଯାଏ ଖେଳି କାହା ଗିରେ ?
ଜନ୍ମଭୂମି ଲାଗି ଯେତେ କଠୋର ସାଧନା,
ଯେତେ ତବ ପରାଣର ଜ୍ୱଳନ୍ତ ବେଦନା ।

ଯତନେ, ଦେବ, ରୋଗଶେଯେ ଶୋଇ ନଯାତନେ
କହୁଥିଲ ପଦେ କଥା ମୁକ୍ତ ଆଳାପନେ ।
ନୟନ-ସୀମାନ୍ତେ କ୍ଷଣେ ମୁକ୍ତାବିନ୍ଦୁ ଝାଳ,
ବହିଗଲା ଦୁଇ ନେତ୍ରୁ ଦୁଇ ବିନ୍ଦୁ ବାରି ।
ନିମେଷେ ନୟନ ଗଲା ମୁଦିହୋଇ ମୋର,
କି ଅସ୍ପଷ୍ଟ ବ୍ୟକ୍ତି ତୁମେ ଚିହ୍ନିଲି ନିକର ।
କେତେମନ୍ତେ କେତେ ଧନ ଏହି ପରିଚୟ
ଦେଇଛ ଉତ୍କଳେ, ଆହେ ତା ଆଦ୍ଧତନୟ !
ଲଭେ କି ପ୍ରତିଷ୍ଠା ତବ ପାରିବୁଁ ବିଚାରି,
ତୁମରି ଆଦର୍ଶେ, ଦେବ, ଏ ଜୀବନ ଗଢ଼ି ?
ଥାଅ, ଦେବ, ବଞ୍ଚିଥାଅ, ହେ ମଧୁସୂଦନ,
ଘୋଷୁଥାଉ ଉତ୍କଳ ଏ 'ମଧୁବାବୁ' ନାମ ।
କୋଟି ଜନ ହୃଦୁଁ ହୃଦେ, ହେ ଉତ୍କଳ-ପିତା,
ଢାଳିଯାଅ ପରାଣର ନିଗୂଢ଼ ବାରତା ।
ଗଢ଼ିଯାଅ ଜଣୁଁ ଜଣେ କରି ତୁମ୍ଭ ଭଳି
ଯେତେ ଏ ଉତ୍କଳ ଦେଶେ ଆଜି ନରନାରୀ ।
ସେହିମାନେ ତୁମରି ହେ ସ୍ନେହ-ତନୟ,
ଢାଳି ଧନେ ଦେବେ ପଦେ ଦୁର୍ଲଭ ହୃଦୟ !
ଗ୍ରାମୁଁ ଗ୍ରାମେ ରଖିଯାଅ ଶତ ଶତ ଶିଷ୍ୟ,
ତୁମ୍ଭହାତେ ଗଢ଼ା ହେଉ ଏ ଭୂମି-ଭବିଷ୍ୟ ।
ତେଜ ସବୁ, ଥରେ ଯେତେ ଉତ୍ସର୍ଗିଛ ଲେଶ,
ଅପୂର୍ଣ୍ଣ ନୈବେଦ୍ୟେ ମାତା ନ ଲଭନ୍ତୁ ତୋଷ ।
ଉତ୍କଳ ବରେଣ୍ୟ ସୂନୁ, ହେ ମଧୁସୂଦନ,
ତୁମ୍ଭଲାଗି ହେଉ ଭବେ ଏ ଉତ୍କଳ ଧନ୍ୟ ।

# ✻ ଗଡ଼ରକ୍ଷା

"ଯାଉଛି, ପ୍ରିୟେ ଗୋ, ଡାକିଲାଣି ରଣ
ଯାଏ ମୁଁ, ମେଲାଣି ଦିଅ ସତ୍ୱର;
ରାଜା ରାଜ୍ୟଜନେ ଡାକୁ ଯେ ଅଛନ୍ତି,
ଶତ୍ରୁ ସେନା ବେଢ଼ିଗଲେଣି ଗଡ଼ ।
ବୁଢ଼ା ପିଲା ଯୁବା ଯୁବତୀ ଅଭେଦେ
କୁଟୀରୁଁ ସଉଧୁଁ ହୋଇ ବାହାର,
ଯିବେ ରଣଭୂମେ, ଲଢ଼ି ପ୍ରାଣପଣେ,
କରିବେ ଅରାତି ସେନା ସଂହାର ।
ମୁହିଁ ଯେବେ ଯିବି, ସମରେ ଜୁଝିବି
ବଧି ବୀର ଶ୍ରେଷ୍ଠ ସଇନ ଶତ;
ସମର ପ୍ରାଙ୍ଗଣେ ଶୁଆଇବି ଶତ୍ରୁ,
ଢାଳିବି ସହସ୍ର ଶତ୍ରୁ-ରକତ ।
କାଢ଼ିବି ତୂଣୀରୁ ତୀକ୍ଷ୍ଣ ଶର ଯେତେ,
ଶତ୍ରୁ ସୈନ୍ୟ ଖୋଜି ବିନ୍ଧିବି ଲକ୍ଷେ,
ମୋ ଶର ସଇନେ ବିନ୍ଧିବେ ମୋ ସତ୍ତ୍ୱ,
ବରଂ ଶୋଇବେ ସକଳ ତାଙ୍କେ ।

---

✻ ଏ ପଦ୍ୟରେ ବର୍ଣ୍ଣିତ ଘଟଣାଟି ଗୋଟିଏ କିମ୍ବଦନ୍ତୀର ବିଷୟ । ବିହାର ରାଜ୍ୟର ମାନଭୂମି ଜିଲ୍ଲାରେ ବରାହଭୂମି ଗୋଟିଏ ଓଡ଼ିଆବହୁଳ ଅଞ୍ଚଳ । ତାହା ସିଂହଭୂମି ଜିଲ୍ଲାକୁ ଲାଗିଛି । ସିଂହଭୂମି ଜିଲ୍ଲାର ଚକ୍ରଧରପୁରରେ ୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ବୈଠକ ହୋଇଥିଲା । ବରାହଭୂମିର ଓଡ଼ିଆ ପ୍ରତିନିଧି ସେଥିରେ ଯୋଗ ଦେଇଥିଲେ । କିମ୍ବଦନ୍ତୀଟି ସେମାନେ କହିଥିଲେ । ପରେ ଶତ୍ରୁ ଉତ୍ତର ଦିଗରୁ ଆସି ବରାହଭୂମି ଆକ୍ରମଣ କଲେ । ସେହି ଘଟଣାରେ ଓଡ଼ିଆ ଯୁବକ ଯୁବତୀ ନିଜର ବୀରତ୍ୱ ଦେଖାଇ ଦେଶକୁ ଶତ୍ରୁ କବଳରୁ ରକ୍ଷା କରିଥିଲେ ।

ଏ ଦେଶ ପର୍ବତ          ବନ ନଦୀ ପଦା,
    ସୁଖେ ଯହିଁ ପଦେ ବୁଲଛି ମୁହିଁ ,
ବନ୍ଧୁ ରକ୍ତ ଦେହେ          ଥିବାଯାଏ ମୋର,
    ଶତ୍ରୁ କି ଗୋ କେବେ ପାରିବ ଛୁଇଁ ?
ଉଇଁ ଆସିଲଣି          ପୂର୍ବ ନଭେ ରବି,
    ପାଟଳ କିରଣେ ବୁଡ଼ାଇ ଧରା;
ସମରେ ମୁଁ ଯିବି,          ଏ ସାରା ରାଇଜ
    ଶତ୍ରୁ-ରକ୍ତେ ସିକ୍ତ କରିବି ତ୍ୱରା ।
ଯାଉଅଛି, ପ୍ରିୟେ,          ଶୁଣେ ରଣବାଦ୍ୟ
    ହରଷେ ମେଲୁଣି ବକ୍ଷ ସଭିର;
ରାଜ୍ୟ ରାଜ୍ୟଜନେ          ଲୋଡ଼ୁ ତ ଅଛନ୍ତି,
    ଶତ୍ରୁ ସେନା ଘେରି ଗଡ଼ଲଣି ଗଡ଼ ।”
“ଏ କି କଥା କହ,          ପ୍ରାଣେଶ, ସତେ କି
    ତୁମ ବଚନେ ମୁହିଁ ରହିବି କ୍ଷଣେ ?
କେବେ କି ରମଣୀ          ରହିପାରେ ବାସେ
    ପରାଣ-ପତିଙ୍କି ପଠାଇ ରଣେ ?
ଘର ତ ଅଟଇ          ନାରୀର ରାଇଜ,
    ରକ୍ଷକ ତା ନାରୀ, ଆନ କେ ନୁହେ,
ବନ୍ଧୁ ଅଶ୍ରୁ ନାରୀ          ନ ଢାଳେ ନୟନୁ,
    ଯେପରି ରଣେ ନିଜ ଦଇତ, ପୁଏ ।
ସମରେ ରଞ୍ଜିତ          ସ୍ୱାମୀ-ସୁତ-ଭ୍ରାତ
    ସମ ସମ୍ପଦ କି ଅଛି ନାରୀର ?
ଚିରକାଳ ନାରୀ          ହୋଇଛି ଏଭଳି,
    ଏହା ଏକା ସଦା ହେବା ତା ସ୍ଥିର ।

ନଅ ସଙ୍ଗେ ମୋତେ ରଣଭୂମେ, ପ୍ରିୟ,
ନ ରହିବ ବାସେ ଘଡ଼ି ବରଜ,
ଯେତେ ଥର ତୁମେ ବଙ୍କାଇବ ଧନୁ,
ତେତେ ଥର ଶର ଦେବି ମୁଁ ଖଞ୍ଜି ।"

"ଟାଣି ଧନୁ ଗୁଣ ଟଙ୍କାର ଶବଦେ
ତେଜେ ଯୁବା ଯେତେ ତେଜିଲା ଶର,
ଚକିତେ ଚୌଦିଗେ ଦେଖିଲେ ସରବେ,
ଧରନ୍ତି ତୂଣୀର ଯୁବତୀ କର ।
କରେ କର ଛନ୍ଦି ଯୁଗଳ ଦମ୍ପତି
ଚଳିଗଲେ ଆଗେ ସମରଭୂମେ ;
ପଛେ ଶତ ବୀର ସଇନ ଚଳନ୍ତି,
ମୁଗ୍ଧ ସର୍ବେ ନାରୀ ବୀରତ୍ୱ ଗୁଣେ ।
ଚଳି ବୀର ଦର୍ପେ ଦେଲେ ବେନି ହର୍ଷେ;
ଆରୋହିଲେ ଭଗ୍ନ ଗଡ଼ ପ୍ରାଚୀର ,
ଦେଖିଲେ, ଅରାତି- ସଇନ ସାମନ୍ତ
ମାଡ଼ି ରହିଛନ୍ତି ପ୍ରାନ୍ତର ବଳ ।
ଘନ ଘନ ରଣ- ବାଇଦ ବାଜିଲା,
ସମର-ପତାକା ଉଡ଼ିଲା ନଭେ ;
ସେ ଶତ ସଇନ ବୀର କଣ୍ଠ ତେଜି
ରଣ-ଗୀତ-ତାନ ଉଠିଲା ଗର୍ବେ ।
ଶୁଣି କାନେ, ବୀର ଯୁବକ-ଯୁବତୀ
ଆରମ୍ଭିଲେ ମିଳି ବିଷମ ରଣ ;
ଥରୁ ଥରେ ଯୁବା ବଙ୍କାଇଲେ ଧନୁ ,
ଖଞ୍ଜିଦେଲା ଧରି ଯୁବତୀ ବାଣ ।

ଯୁବତୀ ସମ କେ ଦୋସର ଗାରତେ ?
ଯୁବା ଖ୍ୟାତ ଦେଶେ ଜାଣନ୍ତି ଜନେ ;
ଯେତେ ଶର ବେନ ବନ୍ଧିଲେ ହୁଙ୍କାର
ଭେଦିଗଲା ଠିକେ ବଇରିଗଣେ ।
କେତେ ଶତ ଶତ୍ରୁ କେଜାଣି ସେ ଘାତେ
ପଡ଼ିଲେ ଭୂତଳେ ମୁଦି ନୟନ ;
ବଇରୀ ଶିବର ପାଲଟିଲା ଦୃଶ୍ୟେ
ନର-ଶବ-ପୂର୍ଣ୍ଣ ଶ୍ମଶାନସମ ।
ସହସା ଅରାତି- ସେନାପତିଙ୍କ କାହୁଁ
ବର୍ଚ୍ଛା କାଳରୂପୀ ଆସିଲା ଉଡ଼ି,
ଗର୍ଜି ଶତ୍ରୁ ସେନା କହିଲେ, "ଏ ବର୍ଚ୍ଛା
ବୀର ଯୁବା ବକ୍ଷ ନ ଯିବ ଛାଡ଼ି" ।
ଶୁଣନ୍ତେ ଯୁବତୀ ବିଜୁଳି ସଞ୍ଚାରେ
ପତି ଆଗେ ଉଭା ହୋଇଲା ଯାଇ,
ପ୍ରିୟ ତା ସେକାଳେ ଟାଣୁ ଥିଲା ଧନୁ
ପତ୍ନୀ ଶର ଖଞ୍ଜି ଦେବାର ପାଇଁ ।
ଅଲକ୍ଷିତେ ଆସି ବର୍ଚ୍ଛା ନିଦାରୁଣ
ଭେଦିଲା ଯୁବତୀ-ବକ୍ଷ କୋମଳ,
"ଗଲି ପ୍ରାଣେଶ" ସେ କହି ହେଲା ଭୂମି
ଭୂତଳେ ପଡ଼ିଲା ତାଳ ସତ୍ୱର ।
ଶୁଣି ନେତ୍ରେ ଥରେ, ବଧୂର ଯୁବକ
ଲଗିଗଲା ରଣେ ଦ୍ୱିଗୁଣ ବଳେ,
ବଙ୍କାଏ କାର୍ମୁକ, ନାହିଁ ତ ପ୍ରେୟସୀ,
ଆପେ ଶର ଖଞ୍ଜି ବନ୍ଧଇ ଗରେ ।

ଶତ ସୈନ୍ୟ ଥିଲେ          ଯାଇ ସେ ତା ସଙ୍ଗେ,
ଧନୁ ଗୁଣେ ଯୋଡ଼ି ନାହାନ୍ତି ଶର,
ତେବେ ରଣଭୂମେ          ବଇରୀ ସଇନୁଁ
ଜଣେ ପ୍ରାଣେ ନାହିଁ ରହିଲା ସାର ।
ସଉଧ କୁଟୀର          ଅଭେଦେ ସ୍ୱଇଚ୍ଛେ
ବ୍ୟାପିଲା ସେ ବୀରନାରୀ-କୀରତି,
'ନାରୀ ତ ରଖିଲା          ଏ ଦେଶ ମହତ୍ତ୍ୱ'—
ମୁଖୁଁ ମୁଖେ ଗଲା ଭୁବନେ ରଟି ।
ନାରୀ ବୀରପଣେ          ସେ ସଇନ ଶତ
ରଣଭୂମେ ଥିଲେ ଦେଖି ନୟନେ,
ଧନୁଶର ବର୍ଚ୍ଛା          ଖଡ଼ଗ ତୂଣୀରେ
ସୁବର୍ଣ୍ଣପୀଠ ଗୋଟି ରଚିଲେ ଷଣେ ।
ସେ ଭଙ୍ଗୁର ସ୍ମୃତି          ନାହିଁ ଆଜ ଆଉ
ଗଡ଼ ପ୍ରାଚୀରଟି ପଡ଼ିଛି ଭାଜି,
ସହସ୍ର ବରଷ          ଗଲାଣି ସେ ଦିନୁ,
ହଜି କାଳଗର୍ଭେ ଘଟଣା-ରାଜି ।
ତେବେ ସେ ସ୍ଥଳେ          ରଜା ପ୍ରଜା ସବେ
ବରଷକେ ତହିଁ ମିଳନ୍ତି ଦିନେ,
ଗରବେ ହୁଙ୍କାରି          କହନ୍ତି, "ନ ଥାନ୍ତା
ଏ ଦେଶ ତ ନାରୀ-ବୀରତ୍ୱ ବିନେ ।"

# *ପିଲାଟି

"ବହୁଛି ଶୀତଳ ପବନ ଗଛ ପତ୍ର ହଲଇ,
ଯାଆ ଯାଆ ଏବେ ପିଲାରେ, ଆଉ ଟାଣୁ କପାଇଁ ?
କେତେ ତ ହେଲଣି ଉଛୁର, ଭୋକ କରୁ ଯେ ଥିବ,
ଟାଣି ଟାଣି ତୋର ହାତକୁ ପୀଡ଼ା ଲାଗି ଟି ଯିବ ।
ବସ ଯାଇ ଥିର ହୋଇଟେ, ଅଙ୍ଗ ଶରମ ଭାଙ୍ଗି,
ଝାଳ ମୋର ମରିଗଲାଣି ଥଣ୍ଡା ପବନ ଲାଗି ।"

"ଝାଳ ବାବୁ ତୁମ ଦେହରୁ ହେଉ ମରନାହିଁ ଆତୁର,
ଟୋପା ଟୋପା ହୋଇ କପାଳୁ ଏଇ ପଡ଼ଇ ଝରି ।
ଭୋକ ଶୋଷ ମୋତେ ନାହିଁ ତ, ଘରେ ଆସିଛି ଖାଇ,
ଏଇଟିକ ଶ୍ରମେ ହାତକୁ ବାଧିବ କପାଇଁ ?"

---

* କବିତାର ବିଷୟବସ୍ତୁ ମୟୂରଭଞ୍ଜର ଘଟଣା । କବି କାର୍ଯ୍ୟାନୁରୋଧରେ ଜଣେ ବନ୍ଧୁଙ୍କ ସହିତ ଯାଇ ବାରିପଦାର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଘରେ ଉପସ୍ଥିତ ହୋଇଥିଲେ । ପିଲାଟି ଏହାଙ୍କ ଘରେ ଗୃହକର୍ମ କରୁଥିଲା । ସେଠାରେ ସେତେବେଳେ ବିଜୁଳି ପଙ୍ଖା ଚାଲୁ ନଥିଲା । ବାରିପଦାରେ ଗ୍ରୀଷ୍ମଋତୁରେ ପ୍ରବଳ ଗ୍ରୀଷ୍ମ ହୁଏ । କେହି କେହି ଘରେ ଟଣାପଙ୍ଖା ବ୍ୟବହାର କରନ୍ତି । ବଲଙ୍ଗ ନଦୀ ବାରିପଦାର ଉପକଣ୍ଠରେ । ସହରର ସାମାନ୍ୟ ବାହାରକୁ ଗଲେ ମେଘାସନ ପର୍ବତ ଦେଖାଯାଏ । ବାରିପଦା ନିକଟବର୍ତ୍ତୀ ଗୋଟିଏ ପଲ୍ଲୀଗ୍ରାମରେ ପିଲାଟିର ଘର ।

"ନ ବାଧୁ ପକ୍ଷେ ତୋ ଦାନ୍ତକୁ; ଭୋକ ଶୋଷ ନ ଥାଉ;
ଯାଆ ଯାଆ ଗୃଳ ପିଲ ରେ, ଏବେ ନ ଟାଣ ଆଉ ।
ଲଗିଲଣି ଥଣ୍ଡା ବହୁତ ଝଞ୍ଜା ପବନେ ତୋର,
ବାଟଚଲ ଶ୍ରମ ପରଶୁ କଟିଗଲଣି ମୋର ।
ଯାଅ ଗୃଳ ଏବେ ଉପରେ ବସ ଶୀତଳ ହୋଇ
ଦେହ ସୁଖ ଲଗି ପବନ ଆଉ ଲୋଡ଼ା ମୋ ନାହିଁ ।"

ଲୋଡ଼ା ନାହିଁ ବୋଲି, ବାବୁ ହେ, କପାଁ କରୁଛ ମନା,
ଝଞ୍ଜିଦେବାରେ ମୁଁ ଦେହକୁ ସୁଖ ହୋଇବ ସିନା ।
ଏ ଶ୍ରମ ଟିକକେ କପାଇଁ ଅଙ୍ଗେ ଲଗିବ ବ୍ୟଥା ?
ଏ କାମ ତ ହେଲ ମୋହର ନିତ ଦିନର କଥା ।"

"ବସୁଛେ ବାଳୁତ ପିଲାରେ, ବଡ଼ ଅବୁଝା ତୁହି,
ଖାଲଟାରେ କପାଁ ପଡ଼ୁଛୁ ଏତେ ଶ୍ରମ ମୋ ପାଇଁ ?
ଯେ ତୋରେ ଖୁଆଇ ପିଆଇ ରଖିଛନ୍ତି ପାଖର,
ତାଙ୍କ କଥା ସିନା ନିତି ତୁ କରୁଥିବୁ ନକର ।
ମୋ ସଙ୍ଗେ ତୋର ଏ ମରତେ କହ ଅଛଇ କସ,
ମୋ ଲଗି ନ ଟାଣ ପଙ୍ଖା ତୁ, ଥିର ହୋଇଟି ବସ ।"

"ଥିର ହୋଇ ବସିଥିବ ତ ମାଆ ମୋର ଅନାଇ,
ଏତେ ତ ଉହୁର ହେଲଣି, ବାପା ଆସିଲେ ନାହିଁ ।
ବାପା ମୋର କାଠ ହାଣୁ ଯେ ଥିବେ ବଣ ଭିତରେ,
ମୁହିଁ ଟାଣୁଥିବି, ବାବୁ ହେ, ପଙ୍ଖା ଏଇ କୋଟିରେ ।"

"ସୁଲୁ ସୁଲୁ ବାଆ ବୋହୁଛି, ଦେଖୁନାହୁଁ କି ତୁହି ?
ବିଅର୍ଥେ ଟେରମ ଏଭଳି କରୁଅଛୁ କହିଁପାଇ ?
ଗଛପତ୍ର ହଲି ଯାଉଛି, ଧୂଳି ଯାଉଛି ଉଡ଼ି,
ଦେହୁଁ ମୋର ଝାଳ ପବନେ ଏବେ ଗଲାଣି ମରି ।
ନ ରହ ନ ରହ ଏଥି ତୁ କ୍ଷଣେ ମାତର ଆଉ,
ଦୂର ହୋଇ ଯାଇ ବସ ଯା, ପଙ୍ଖା ଟାଣିବା ଥାଉ ।"

"ଗଛ ହଲୁଅଛି, ବାବୁ ହେ, ଦମ ଯାଉଛି ନାହିଁ,
ପଙ୍ଖା ହାତେ ନାହିଁ ନାହିଁଟି ହଲୁ ଥିବାଇଁ ମୁହିଁ ।
ସୁଲୁ ସୁଲୁ ବାଆ ବହୁଛି ଧୂଳି ଯାଉଛି ଉଡ଼ି ;
ପଙ୍ଖା ଖଣ୍ଡ, ବାବୁ, ମୋ ହାତେ ଉଡୁଥିବ ସେଭଳି ।"

"ବହୁତ ତୁ ନାହିଁ ନାହିଁ ରେ ହଲାଲୁଣି ମୋ ପାଇଁ;
କେତେବେଳ ଉଡ଼ାଲଣି ଏ ପଙ୍ଖା ତୋ ହାତେ ଥାଇ ।
ବେଳ ତ ହେଲାଣି ଢଳୁର, ହାତ ହେବଣି ବଥା,
ଭୋକ କଟିବଣି ପିଲା ରେ, କହିଁ ନ ଶୁଣୁ କଥା ?
ଯାଆ ଯାଆ ଏଥୁଁ ତୁରତେ, ବସ ଶୀତଳ ହୋଇ,
ଏକ୍ଷଣି ଆସିବେ ଫେରି ତୋ ନିଜ ବାବୁ ଏଠାଇଁ ।"

"ବସ, ବାବୁ, ଥିରେ କ୍ଷଣେକ, କାହିଁ ଯାଉଛ ଚାଲି ?
ଆଉ ଦଣ୍ଡେ ଟାଣିଥାଏ ମୁଁ, ଯିବ ଯେବେ ବାହାରି ।
ଜଡ ଜଡ କେତେ ଗାଳି ସେ ଖାଏ କାମ ଉପରେ,
ହସି ଖେଳ ଆଜ, ବାବୁ ହେ, ଟାଣେ ମୁହୂର୍ତ୍ତେ ହେଲେ ।"

"କିଏ ସେ ଏଭଳି, ପିଲାରେ, ମହୀମଣ୍ଡଳେ ଅଛି,
ନିତି ନିତି କାମେ ହଟୁରେ ତୋତେ ଟାଣି ଦେଉଛି ?
ହସି ଖେଳି ଅଛ ଏଥି ତୁ ଜାଣିଲୁଣି ତ କେତେ,
ଏତିକରେ ଥାଉ, ଏବେ ତୁ ବସ ଯାଇ ଉସତେ ।
ଗମ ଗମ ହୋଇ ଦେହୁ ତ ଝାଳ ଯାଉଛି ବହି,
ଆସ ଏବେ ପୋଛିଦେବି ରେ ତାରୁ ନଥିବୁ ସହି ।"

"ସତେ, ବାବୁ, ତୁମ ଠିକକ ନାହିଁ ହେନବ ମୋର,
ମୁଁ ହେଲି ବୋଲି ଅଙ୍ଗୁ ମୋ ହାତେ ପୋଛିବ ଝାଳ ?
ତୁମ ପାଖେ ରହି ଏତିକ ଚଙ୍ଗା ଜାଣିବା ହେଉ,
କି ଅଛି ମୋ, ତାପେ ଦେହୁ ହେ ଝାଳ ତୁମରି ବୋହୁ ।"

ଏତେ କହି ଆହା, ମୋ ପାଖୁଁ ଗଲା ପିଲାଟି ଚାଲି,
ଯିବାବେଳେ ନେତ୍ର ଯୁଗଳେ ଢଳଢଳଇ ବାରି ।
ଖଣ୍ଡେ ଦୂର ଯାଇ ମଉନେ ବସି ରହିଲା ସତ,
କି ଅବା ଭାଳଇ ଚଇଣେ ଥିର ନୁହଇ ଚିତ୍ତ ।

ଝୁଲୁ ଝୁଲୁ ବାଆ ବୋହିଲା ଗଛ ପତ୍ର ହଲାଇ,
ନିମିଷକେ ତହିଁ ପିଲାଟି ଗଲା ଉଭେଇ କାହିଁ ।
ଦୂର ଗିରି ଚୂଳ ଝପିନେ ବହେ ମଳୟ ଧାରା,
ଘେରି ଭ୍ରବାହେ ଗଗନେ ଭାସେ ଜଳଦମାଳା ।
ନଦୀ ହ୍ରଦ ସୁଧାଉରସେ ଖେଳ ଉଠଇ ମାରି,
ମୃଦୁଳ ସମୀର ଚଇଣେ ଭାଷି ସରଗ-ଗିରି ।
ଏ ସକଳେ ଏବେ ପିଲାଟି ହଜି ଯାଇଛି କାହିଁ,
ନିତିହିତ ଅନୁସାରେ ମୁଁ ଆଉ ଦେଖଇ ନାହିଁ ।

ପୁଣି କେବେ ବଢ଼ିବ ଗ୍ରୀଷ୍ମ ଋତୁ ପ୍ରବେଶ ଆସି
ନବ ବାରିଦଙ୍କ ଗଗନେ ଧୀରେ ଉତ୍ତର ଭାସି ।
ପିକ ଆମନ୍ତ୍ରଣ ପାଇବ ମୃଦୁ ମଳୟ ଧାରେ,
ସଖା ସ୍ନେହ ପାଟେ ବନ୍ଧୁର ଆସି ମିଳିବ ଭାଳେ ।

ନିରେଖିବ ଦୂରେ ଶ୍ୟାମଳ ମେଘାସନ ଶିଖର,
ବଳଙ୍ଗ ଜଟିଳ ସୈକତେ ଶୁଣି ତଟିନୀ କଳ ।
ସେତେବେଳେ ଖୋଜ ପିଲ୍ଲଟି ନାହିଁ ପାଇଲେ ହେଲେ,
ଦେଖି ତ ପାରିବ ତୃପ୍ତେ ତାରେ ବିଚ୍ଛେଦ ଜାଳେ ।
'ବାରୁଣୀ' ନିର୍ଝରେ ପଥିକ ଶ୍ରମ ତାପିତ କାୟା,
'ସରନି' ସମୀର ପ୍ରବାହେ ଲଭ ସାୟାହ୍ନ ଛାୟା ;
ବାହୁଡ଼ି ସ୍ୱଦେଶେ ଆସିଲେ, କିଏ ଲୋଡ଼ିବ ଆଉ ?
ତା ପଲ୍ଲୀ ନିକୁଞ୍ଜ ନିକେତେ ଲୁଚି ପିଲ୍ଲଟି ଥାଉ ।

# ✻ ଯାମସେଦପୁରେ

ଏହି ସେ ନଗରୀ ଆଜ ମୁଁ ଦେଖେ ନୟନେ ଚାହିଁ,
ଧନ ଦଉଲତେ ଉଜ୍ଜଳ ସରି ଏହାର କାହିଁ ?
ସଉଧୁ ସଉଧ ଗଗନେ ଶିର ଉଠିଛି ଟେକି,
ମରତୁ ରଖିବା ପାହାଚ ବାନ୍ଧ ସରଗେ ନିକ !
ସୁଖ ସଉଭାଗ୍ୟେ ନଗରେ ହସି ରହନ୍ତି ଜନେ,
ନର ଦୁଃଖ ଶୋକ ନାହାନ୍ତି ସତେ ଦେଖି ନୟନେ ।
କଳେ ନିତି ଧନ ସମ୍ପଦ ଶିଳ୍ପ ଗଢନ୍ତି କରେ,
ଲୁହାରେ କରନ୍ତି ସୁନା ସେ କର ପରଶେ ଖରେ ।
କି ଅଛି ଅପୂର୍ବ ମର୍ତ୍ତ୍ୟେ ଯା ଧରି ନାହାନ୍ତି ବସି ?
ମନାସନ୍ତି ସତେ ଭୁଞ୍ଜିବେ ସ୍ୱର୍ଗ-ସମ୍ପଦ ହସି ।
ଏହି ସେ ନଗ୍ରୀର ନୟନେ ଦିନେ ଦେଖିବା ପାଇଁ
ନିଖିଳ ଭୁବନୁ ସବୁରେ ଜନେ ଆସନ୍ତି ଧାଇଁ ।
ମାତ୍ର ସେ ଯାଆନ୍ତି ଚରଣେ ଶିଳା ସରଣୀ ପରେ,
ଅଜାଣିତେ କେତେ ଦଳନ୍ତି ଆଶା-କଳ୍ପଲତେ ।
କଳ ଯାନ ମନ୍ଦ୍ର ଗର୍ଜନେ କର୍ଣ୍ଣେ ଶୁଣନ୍ତି ମିଶା
ଦୁଃଖି ହୃଦ ବ୍ୟଥା ଗ୍ଲାନିର ଧୀର ନୀରବ ଭାଷା ।
କେତେ ଅନ୍ନା ଲକ୍ଷ୍ମୀ କୃଷକେ ଚିତ୍ତ ଉଲ୍ଲାସ ତାନେ,
ହଳ ବାହି ଏହି ପ୍ରାନ୍ତର ଭରି ନ ଥିବେ ଦିନେ ।

---

✻ ବର୍ତ୍ତମାନ ଯାମସେଦପୁର ଲୁହାକାରଖାନା ଯେଉଁଠାରେ ବସିଛି, ପ୍ରାୟ ପଚାଶ ବର୍ଷ ପୂର୍ବେ ସେଠାରେ କାଳିମାଟି, ସାକ୍ଚି ପ୍ରଭୃତି ନାମରେ କେତେଗୁଡ଼ିଏ ପଲ୍ଲୀଗ୍ରାମ ଥିଲା । ଓଡ଼ିଆ ଓ ଆଦିବାସୀ କୃଷକମାନେ ସେ ସବୁ ଗ୍ରାମରେ ବାସ କରୁଥିଲେ । ଟାଟା କମ୍ପାନୀ ସେମାନଙ୍କୁ ସେଠାରୁ ବାସଚ୍ୟୁତ କରି ସେମାନଙ୍କ ପୈତୃକ ଭୂସମ୍ପତ୍ତି ଦଖଲ କରି ନେଲେ । ପ୍ରସିଦ୍ଧ ଶିଳ୍ପପତି ଯାମସେଦଜୀ ଟାଟାଙ୍କ ନାମ ଅନୁସାରେ ବର୍ତ୍ତମାନ ସହରର ନାମ ଯାମସେଦପୁର ହୋଇଛି ।

କେତେ ତ କୃଷକ-ଘରଣୀ ଖୋଜେ ଗିରସ୍ତ ଲାଗି
ଭାତ ଘେନ ଢାଳେ ଥିବଟି ଆସି ସରମେ ଭାଗୀ ।
ପ୍ରାଣପତି ପେଟ୍ଟୁ ବଳିଲେ, ଲତା ଉଡ଼ାଳେ ବସି,
ନିଜ ପେଟ ଅଳ୍ପେ ମଣ୍ଡନେ ଭରଥିବଟି ହସି ।
ଫେରନ୍ତେ କୁଟୀରେ ଚରଣ ଲାଗିଥିବ ତା ଖର,
ଗିରସ୍ତ ସଙ୍ଗତେ ନଥିଲେ, କବା କୁଟୀର-ଶିଶୁ ?
ସେସବୁ ଶିଶୁମାନ ଭାଙ୍ଗି ତ ଗଢ଼ା ଏ ପୁରୀ ଆଜି,
ସେସବୁ ପଲ୍ଲୀ-ସୁଖଶରଧା ଏଥି ରହିଛି ଭଜି ।
ଖୋଳିଲେ ମୃତ୍ତିକା ପାଇବ ହଳ ଲଙ୍ଗଳ ଗାର,
ଦୁଃଖିହୃଦେ ଦେଖି ପାରିବ ଧନ ପେଷଣ ଧାର ।
ଗଛ ଲତା ମୂଳ ନକାଶେ ଆଜି ନଥିବ ଖୁଣ୍ଟି,
ଦିନେ ଯନ୍ତ୍ରୀ କାଟି ଫସଲ ଚଷା ଥିବଟି ରଖି ।
କେଦାର-କନକ-ସମ୍ଭାରେ ଭରିଥିବ ତା ମନ,
ତୋଷେ ବରଷଟି ଖାଇ, ସେ ଯାପିପାରିବ ଦିନ ।
ଆଜି ଏବେ ଯାଇ କେବଣ ଦୂର ଦୁର୍ଗମ ପଥେ,
ଧରି ପ୍ରିୟା ପୁଅ କାନ୍ଦୁଛି ଥିବ ନିଦୈନ୍ୟ ପେଟେ ।
ସୁମରୁଥିବ ତା ଅଶାନ୍ତ ଭବ-ସମ୍ପଦ-କଥା,
ଶମନ ଜୀବନ୍ତ ପୀଡନେ ନୋଇଁ ଦଇନେ ମଥା ।
ନିଦାରୁଣ ଏନ୍ତି ଛବି କେ ଯେତେବ ଦେଖିବ ନେତ୍ର,
ଏ କୁବେର-ପୁରେ କିପାଇଁ ବାରେ ଆସିବ ବର ?
ବୁଲିବାର ଯାଇ ଆସେ ତ ମରୁ ପଦା କାନନେ,
ଅନଶନେ ଯନ୍ତ୍ରୀ ଉଦର ଜାଳି ଭ୍ରମନ୍ତି ଜନେ ।
ରହ, ହେ ନଗରନିବାସି, ଅର୍ଦ୍ଧ ନୃପତିସ୍ୱଜ;
ନ ଫେରିବ ଦିନେ ଏ ପୁରେ, ତେଜି ଯାଉଛି ଆଜ ।

# ମରାଳ ଦମ୍ପତି

ଏ ତ ସେ ଦିନର କଥା
ଲଭେ ମନୁଁ ଆଜ ଯାଇନ ପାସୋର, ତଳେ ଶମି ନାହିଁ ବ୍ୟଥା;
ଦେଖିଛୁ ଯାହା ସେ ନାଚୁଛି ନୟନେ,
ରସନାର ବାଣୀ ଶୁଭଇ ଶ୍ରବଣେ;
ଭୁଲିବାକୁ ଯିବା ପାଞ୍ଚୁଛି, ଭୁଲିବାପାଇଁ ଯେ ନମିଲେ ପନ୍ଥା ।
ଗୁନ୍ଥା ପ୍ରୀତିଡୋରେ ରହୁଥିଲେ ସେତେ ମରାଳ ଦମ୍ପତି ବେନ;
ନୟନୁଁ ନୟନେ ହୋଇ ଦେଖାଦେଖି,
ହୃଦଗାଥା ନତ ରଖୁଥିଲେ ଲେଖି;
ଏକ ଆନର ସେ ସ୍ନେହନେହ ବନ୍ଦନା ଭରନ୍ତି ଅନ୍ତରେ ଯେନ ।
ଦିନେ ନରଘାଣ ଦାରୁଣ ଆଘାତ ଲଭିଲା ମରାଳ ପତି,
ସର୍ବାଙ୍ଗ ଶରୀରେ ଖେଳିଗଲା ଯାତନା
ସୋଧି ନ ପାରିଲା ମରଣ ମୂର୍ଚ୍ଛନା,
ପ୍ରାଣେଶ୍ୱରୀ-ମୁଖ ଅନାଇଁ ଯେତେବେ ସେ ସଞ୍ଚିଲା କ୍ଷଣେ ଶକ୍ତି ।
କେତେ କଲବଲ ହେଲା ସେ, ବିକଳ, କେତେ ହେଲା ଛଟପଟ,
ପଡ଼ିଲା ଉଠିଲା, ଆକୁଳେ ରଡ଼ିଲା,
ଦେଖିଥିଲେ ନିଶ୍ଚେ ତରଳନ୍ତା ଶିଳା;
ବଜ୍ରେ ଗଢ଼ା ବୁକୁ ଫାଟି ତ ଯାଆନ୍ତା, କ ଛାର ମାନବ ଘଟ !
ଦିନେ ମୃତ୍ୟୁ ଭଜ ନେହ ଯୁଗ ବୁକ, ପଡ଼ିଲା ମରାଳ ଶୋଇ;
ମରଣ ପରଶେ ତନୁ ତା ନିଶ୍ଚଳ,
ହୃଦୟ ପାଲଟି ଯାଇଛି ପଥର ;
ମରାଳୀ ଜୀବନେ ପ୍ରଭାତ ସହସା ପ୍ରଦୋଷ ଗଲାଟି ହୋଇ ।

ଅନ୍ନ ଜଳ ଛାଡ଼ି ବରଷେ ମରାଳୀ ଜଗିଲା ମରାଳ ଶବ;
ପୂତିଗନ୍ଧ ମିଶିଗଲା ସମୀରଣେ,
କମ୍ପିଲା ଆବାସ ମାଛି ଗଣଗଣେ;
ଗଗନେ ଶୁଭିଲା ବିକଟ ମାଂସାଶୀ କୁଆ ଶାଗୁଣାଙ୍କ ରବ ।
ଦବାଗତେ ଚଞ୍ଚୁଁ ସ୍ତବ୍ଧ ଗୃହପ୍ରଭୁ ଶବ ଘୁଞ୍ଚାଇଲେ ବାସୁଁ ;
ଭାବଥିଲେ, ଶୋକେ ଗୃଷ୍ଟିବ ମରାଳୀ,
ମାତ୍ର ତା ଭବନେ ଯିବ ନାହିଁ ଛାଡ଼ି;
ଦେଖିଲେ; ଲୁଟେ ସେ ଅଧୀର ଚରଣେ ପଡ଼େ ଅନୁସରି ଆଶୁ ।
ବୋଧିବାର ପାଇଁ ତାରେ ଗୃହସାଇଁ ବଢ଼ାଇଲେ କର ଯହିଁ,
ସେ କର ମରାଳୀ ଚୁମ୍ବିଲା ଚଞ୍ଚୁକେ,
ଶୁଷ୍କମୁଖେ ତାଙ୍କୁ ଜଣାଇଲା ଦୁଃଖେ;
ବାଣୀ ଯିନା ନାହିଁ ସ୍ଫୁରିଲା କଣ୍ଠୁ ତା, ମାଗିଲା ମେଲାଣି ଭାଷ ।
ଦେଖି ଗୃହପତି ଶୋକାକୁଳ ଅତି ନେତ୍ରୁ ଗଡ଼ାଇଲେ ଲୁହ;
ବୁଝିଲେ ମରାଳୀ ଯାଉଅଛି ସତି,
ନ ରହିବ ଏକା ତେଜି ପ୍ରାଣପତି;
ମରବେ ଭୂତଳେ ଛାଡ଼ିଦେଲେ ବାଟ, ଶୂନ୍ୟ ହୋଇ ଗଲା ଗୃହ ।

# ସୈନିକର ସମ୍ମାନ

ନଗରଭ୍ରମଣେ ରାଜନ୍ ଛନ୍ତି ବାହାରି ଏକା,
ପବନ ବହିଲେ ପଥେ ସେ ହୋଇଯାଆନ୍ତି ଥକା ।
ଦେଖି ନାଗରିକେ ନୃପତି-ମୁଖମଣ୍ଡଳ-ଶିଖା,
କହନ୍ତି, "ରାଜନେ କୁଶଳେ ରଖିଥାଆନ୍ତୁ ହରି ।"

ସେଦିନ ବାଟେ ଗଲା ସେକାଳେ ଯାନ ନରେଶ ଅନ୍ତ,
ଶବ ଗୋଟି ବୁହା ହୋଇ ସେ ଶବା-ଚଳପ ପ୍ରାନ୍ତ ।
ଦରଭଙ୍ଗା ଜୀର୍ଣ୍ଣ ଶକଟେ ଆସି ଦାଇନେ ତାରେ,
ଟାଣୁ ଜଣେ ଥିଲା ଏକାକୀ ଶୀତ ସମୀର ଧାରେ ।

ଶକଟେ ଗଡ଼ୁଛି ଶବଟି; ଦେହ ଦିଶୁଛି ଖାଲି,
ବଦନେ ପବନ ଲେପୁଛି ଆଣି ବାଟର ଧୂଳି ।
ଜଣକେ ସେ ଯାନ ସଡ଼କେ ନାହିଁ ହେଉଛି ଟାଣି
ଶ୍ରମେ ତାର ଶୁଖିଯାଇଛି ମୁଖ, ନେଦେ ସ୍ୱହାଣି

ଦେଖି ଠିଆ ହେଲେ ନୃପତି, ଠାଣ ଡାଇଲେ ତାରେ,
"କାରେ ଏ ନେଉଛ ଶ୍ମଶାନେ ?" ବୋଲି ପୁଛିଲେ ଧୀରେ
"ସୈନିକ ଜଣେ ଏ ମାତର," କହି ପଥିକ କଥା,
ଟାଣି ପୁଣି ପଥେ ଚାଲିଲା, ଶ୍ରମେ ନୁଆଇଁ ମଥା ।

"ସୈନିକ ଜଣେ ଏ ମାତର" ନୃପ ଶୁଣିଲେ ଗିର,
ଏ ଦେଶ ତନୟ ଜଣେ ଏ ପ୍ରାଣ ଅଥଚ ବୀର ।
ଚାଲି ଯିବ ମୁହିଁ ସଙ୍ଗତେ, ମର୍ତ୍ତ୍ୟେ ଏଭଳି ଜନ,
ସନମାନ ହନେ ଶ୍ମଶାନେ ନେବା ନୃପେଁ ପଣ ।"

ନୁଆଇଁଲେ ମଥା ନୃପତି, ଦେଲେ ମୁକୁଟ କାଢ଼ି,
କୋଟିଏ ପରଜା-ମଉଡ଼ମଣି-ସମ୍ମାନ ଗୁଡ଼ ।
ଆଗେ ଚାଲିଅଛି ଶବଟି ପ୍ରାତ ଶୀତଳ ବାତେ,
ଅନୁସରି ପଛେ ଚାଲନ୍ତି ନୃପ ଶ୍ମଶାନ ପଥେ ।

ଦେଖିଲେ ନଗର-ନିବାସୀ, ଛାଡ଼ି ଆପଣା କାମ,
ଶବ ପଛେ ପଛେ ଚାଲିଲେ, ଯୋଡ଼ି ମଥାଟି ମାନ ।
ରଜା ପ୍ରଜା ନାହିଁ ଭେଦଭେଦ, ନାହିଁ ନଥିଲା, ଥିଲା,
ସର୍ବେ ପଥେ ଚାଲିଅଛନ୍ତି ବୁଢ଼ା, ଯୁବକ, ପିଲା ।

ଯେତେ ଦୂରେ ଗଲେ ଉଠିଲା ବଢ଼ି ତେତେ ଜନତା,
ଚିତା ପାଶେ ଗଣି ନୋହିଲା ଛୁଣ୍ଡ ମାନବ ମଥା ।
ସବୁ ଆଗେ ସିନା ନୃମଣି ନୃପସନ୍ମାର ଫେଇ,
ଧାନ ଯାର ଲାଗି ହୃଦୟୁଁ ସ୍ନେହ ଉଙ୍କଣ୍ଠ ଦେଇ ।

# ସ୍ୱର୍ଣ୍ଣାକ୍ଷରେ

ବ୍ୟୋମରାଜ୍ୟ ଗ୍ରହ ତାରା ଖଣ୍ଡ ଆବର୍ତ୍ତନେ
ବିତିଲାଣି ସାତ ଶ ବରଷ,
କେତେ ଗିରି, କେତେ ତୁଙ୍ଗ ପ୍ରସ୍ତର ସଉଧ
ଛୁଇଁଲାଣି କାଳର ପରଶ ।

କେତେ ତ ଦୁର୍ଲଭ-ନଥି ହଜିଲାଣି ଭବେ,
କେତେ ସ୍ମୃତି ଗଲାଣି ପାସୋରି;
ଗୋଟିଏ ଘଟଣା କିନ୍ତୁ ଶତ ଲକ୍ଷ ହୃଦେ
ସ୍ୱର୍ଣ୍ଣାକ୍ଷରେ ରହିଛି ସଞ୍ଚରି ।

ଚନ୍ଦ୍ରଭାଗେ ଲାଗିଅଛି ମନ୍ଦିର ନିର୍ମାଣ,
ଅଜେ ହେବେ ସଦେହେ ସବିତା;
ଚୂଡ଼ା ତାର ମେଘମାଳା ଛୁଇଁବ ଗରବେ,
ସୌଦାମିନୀ ହେବ ଖେଳେ ଲତା ।

ବାରଶହ ଶିଳ୍ପୀ, ନିତି ବ୍ୟାପାରିତ କାର୍ଯ୍ୟେ,
ନ ଜାଣନ୍ତି ଆହାର ବିଶ୍ରାମ,
ଛନ କୋଶ ଦେଶ ବ୍ୟାପି ପଡ଼ିଛି ଘୁଷଣି,
ଦିବା ନିଶି ଲାଗିଅଛି କାମ ।

ସବୁ ମଧ୍ୟେ ଧ୍ୟାନେ ରତ ବନ୍ଧାଣିରଚନ,
ଗଢ଼ୁଛି ସେ ନବଗ୍ରହ ପାଠ;
ମୁଖଶାଳା ଦ୍ୱାରୁ ଦେବ ଗରିମା ସୂଚଇ,
ପ୍ରକଟିବ ସୁଷମା ବିରାଟ ।

ସକାଳେ ଆସଇ ଭୁଞ୍ଜି ବାସେ କାରିଗର,
ଦିନସାରା କରଇ ସାଧନା,
ସଞ୍ଜେ ପୁଣି ଫେରି ମୁଖେ ଛୁଏଁ ଅନ୍ନଜଳ,
ପାଷାଣେ ତ ଆଙ୍କୁଛି କଳ୍ପନା ।

ସେ ପାଷାଣୁ ନୟନ ତା ନ ଫେରେ ପଲକେ,
ଧ୍ୟାନ ଶ୍ରମେ ଶୁଖିଯାଏ ପାଟି;
ବାମ କର ପଛେ ମାଣ୍ଡ ଥଏ ତା ପଚାଇ,
ପାନ ଖିଲ ଆଗେ ଆଣି ନାତି ।

କେତେ ଖିଲ ଖାଏ ନିତି, ନାହିଁ ତା କଳନା,
ପାନେ ତାର ବଢ଼ଇ ଧିଆନ,
ଦିନୁ ଦିନ ଖାଇ ସେହି ଏକା ମୁଖସ୍ୱାଦ,
ଫିକା ତାକୁ ଲାଗିଲାଣି ପାନ ।

ନଅ ଋତୁ ନବଗ୍ରହେ ଲାଗିଛି ସମସ୍ତ,
ନବ ମୂର୍ତ୍ତି ସରିଲାଣି ଗଢ଼ା,
ଦଶମ ଋତୁ ତା ଆସି ପ୍ରବେଶ ବସନ୍ତ,
ନାହିଁ ଧାନ ସୁଆଁ ପିକା ଛଡ଼ା ।

ବହୁଦିନୁ ଲାଗିଛି ଭୋକ, ନପଡ଼େ ପଲକ,
ପାନ ଲାଗି ପାତିଦେଲା କର;
ଢଳନ୍ତେ ଖିଲ ତା ତହିଁ, ଦେଲା ନେଇ ମୁଖେ,
ଆଖି ପତା ହୁଏ ଥରଥର ।

ପରମ ମଧୁର ସ୍ୱାଦ ଲଭିଲା ରସନା,
ବଦନେ ତା ଚହଟିଲା ବାସ;
ରୋମାଞ୍ଚ ହୋଇଲା ଭୂପ ଅଷ୍ଟାଙ୍ଗ ଶରୀରେ,
ଅଙ୍ଗ ଅଙ୍ଗେ ପୁଲକ ପ୍ରକାଶ ।

"ଏ ନୁହେଁ କି ପରେ ଭଙ୍ଗା ନାଡ଼ିହାତ ପାନ",
କାଠଗର ବସୁରଇ ମନେ,
ଚକିତେ ବୁଲାଇ ମୁହଁ, ପୃଷ୍ଠଦେଶେ ତାର
ଉତ୍କଳ ନୃପ, ଦେଖିଲା ସମ୍ଭ୍ରମେ ।

କାମୁଡ଼ିଦେଲା ସେ ଜିଭ, ହେଲା ନତଜାନୁ,
କ୍ଷମା ଭିକ୍ଷା କଲା ଅବନତେ,
"ଏ କି ଦୟା ଅଧମଜନେ !" କହିବ ଇଚ୍ଛିଲା,
ଇଚ୍ଛା ତାର ରହିଗଲା ଚିତ୍ତେ ।

ଉତ୍କଳ ନୃମଣିବର ବୀର ନରସିଂହ
ଉଠାଇଲେ ତାକୁ କର ଧରି,
କହିଲେ, "ଧନ୍ୟ ମୁଁ ହେଲି, ରେ ଜଗୁ ବନ୍ଧାଣି,
ଏ ସାମାନ୍ୟ ସେବା ତୋ ଆଦରି ।

ମୁଁ ସିନା ମନୁଷ୍ୟକୁଳେ ହୋଇଛୁ ନୃପତି,
ଲବ୍ଧ ହେଲେ ପିତୃଦତ୍ତ ରାଜ୍ୟ;
ତୁମ୍ଭ ତ ସ୍ୱଗୁଣେ ବଡ଼ କାରିଗରେ ରଜା,
ତେଣୁ ପୂଜ୍ୟ, ରେ ନମସ୍ୟ ଆର୍ଯ୍ୟ !”

ସେଦିନୁ ଏ ଗ୍ରହତାରା ବର୍ଷ ଆବର୍ତ୍ତନେ
ବିତିଲାଣି ସାତ ଶ ବରଷ;
କେତେ ଗିରି, କେତେ ତୁଙ୍ଗ ପ୍ରସ୍ତର ସଉଧ
ଭାଙ୍ଗିଲାଣି କାଳର ପରଶ ।

କେତେ ତ ଦୁର୍ଲଭ ନିଧି ହଜିଲାଣି ଭବେ,
କେତେ ସ୍ମୃତି ଗଲାଣି ପାସୋର;
ଅଘଟନ ଏ ଘଟଣା ଶତ ଲକ୍ଷ ହୃଦେ,
ସ୍ୱର୍ଣ୍ଣାକ୍ଷରେ ରହିଛି ଭାସ୍ୱର ।

# ରାଜାଙ୍କ ମାଂସ ଦାନ

ବହୁଶତ ବର୍ଷ ପୂର୍ବେ ଏ ପୁଣ୍ୟ ଭାରତେ,
ଯଦୁପତି ଉଶୀନର ପ୍ରଖ୍ୟାତ ଜଗତେ ।
ଧରି ରାଜଦଣ୍ଡ କରେ କରନ୍ତି ଶାସନ,
କରି ସ୍ନେହ ପ୍ରଜାଗଣେ ପୁତ୍ର କନ୍ୟା ସମ ।
ନ୍ୟାୟେ ସ୍ୱୟଂ ବୃହସ୍ପତି ନୃପ ଶିରୋମଣି,
ଦୟାର ସାକ୍ଷାତ ମୂର୍ତ୍ତି, ବୀରତ୍ୱେ ଅଶନି ।
ଧର୍ମରକ୍ଷା ଲାଗି ଥରେ ଉଶୀନର ରାଜ୍ୟେ,
ଅମାତ୍ୟ ଅମଳା ସହ ଲିପ୍ତ ରାଜକାର୍ଯ୍ୟେ;
ଆସିଲା ସହସା ଶୂନ୍ୟୁଁ କପୋତ ସେକାଳେ,
କହିଲା, "ଶ୍ରୀପଦେ ଦିଅ ଶରଣ ଏ ଥରେ;
ପଛେ ଗୋଡ଼ାଇଛି ଶ୍ୟେନ, ଆସିବ ଏକ୍ଷଣି,
ମାରି ପ୍ରାଣେ ହତଭାଗ୍ୟେ ଖାଇବ, ନୃମଣି ।"
ନସରୁଁ ମୁଖୁ ତା କଥା, ଆସିଲା ସଞ୍ଚାଣ;
କହିଲା, "ମୋ ଖାଦ୍ୟ ମୋତେ ଦିଅ ନରରାଣ !
କରେ ମୁହିଁ ପକ୍ଷୀ ରାଜ୍ୟେ ରାଜତ୍ୱ ଗଗନେ,
ଯେବେ ଯାକୁ ପାଏ, ଖାଏ ବୁଭୁକ୍ଷା ମେଣ୍ଟନେ ।

ହସ୍ତକ୍ଷେପ ମୋ ଶାସନେ ନକର, ରାଜନ,
ଛାଡ଼ିଦିଅ କପୋତକୁ, ଯାଏ ମୁଁ ବହନ ।"
ଶୁଣି ଶ୍ୟେନ ଯୁକ୍ତି, ସିନା ହୋଇଲେ କାତର,
ତେଜି କି ଆଶ୍ରିତେ ଦେବେ ନୃପ ଉଶୀନର ?
କହିଲେ, "ସଞ୍ଚାଣ, କ୍ଷୁଧା ମେଣ୍ଟାଇବ ସିନା;
କ୍ଷୁଧାଗ୍ନି କି ନ ଶମିବ ଏ କପୋତ ବିନା ?
ପ୍ରଚୁର ମାଂସ ମୁଁ ଭକ୍ଷ ଦେଉଅଛି ଆଣି,
ବଞ୍ଚାଅ ଆଜି ହେ ପ୍ରାଣେ ଏ ନିଃସ୍ୱ ପ୍ରାଣୀ ।"
ଶୁଣି ତା ସଞ୍ଚାଣ ବେଗେ କହେ ଯୁକ୍ତି ଛଳେ,
"ଦୟାବନ୍ତ ବାନା କିଁପା ଉଡ଼ାଅ ଭୂତଳେ ?
ଏକ ଜୀବେ ବଞ୍ଚାଇବ, ଅନ୍ୟ ଜୀବ ମାରି;
କି ପୁଣ୍ୟ ଅର୍ଜିବ ବୋଲି ଏ କପୋତ ତାରି ?
ବହିଛ ରାଜସ ଗୁଣ, ରାଜନ ଅନ୍ତରେ,
ତହୁଁ ଯାଚ ଆନ ମାଂସ କପୋତ ବଦଳେ ।"
ରାଜସୁଁ ସାତ୍ତ୍ୱିକ ଗୁଣେ ବଡ଼ ଯଦୁପତି,
କହିଲେ, "ସଞ୍ଚାଣ, ଆଉ ନୁହଁ ରୁଷ୍ଟମତି ।
ମାପି ତୁଳାଯନ୍ତ୍ରେ ଦେବି ମୋ ଦେହୁ ପିଶିତ,
କପୋତର ଓଜନମତେ ଘେନ, ବୁଭୁକ୍ଷିତ !
ତଉଲେ ଓଜନ ଯେବେ, ଦେବି ମୂର୍ଦ୍ଧ ତୁଳି
ଆଣାଉଛି ତୁଳାଯନ୍ତ୍ର, ସୁଶାଣିତ ଛୁରି ।"
ତୁଳାଦଣ୍ଡ ଏକପାର୍ଶ୍ୱେ କପୋତ ବସାଇ,
ନିଜ ଦେହୁ ମାଂସ ଖଣ୍ଡ କାଟି ନରସାଇଁ ।
ଥାପି ଅନ୍ୟ ପାର୍ଶ୍ୱେ ତାକୁ, ଧରନ୍ତେ ସେ ଦଣ୍ଡ,
ହୋଇଲା କପୋତ ଭାରି, ଲଘୁ ମାଂସଖଣ୍ଡ ।

କାଟିଲେ ନୃପତି ଭୁଜ ଆଉ ଖଣ୍ଡେ ମାଂସ,
ରକ୍ତନଦୀ ବହେ ପିନା, ଭାର ଅନ୍ୟପାର୍ଶ୍ୱ ।
ପଡ଼ିଗଲା ରାଜସଭା ମଧ୍ୟେ ହାହାକାର,
ନ ଶୁଣିଲେ ନୃପ କିଛି ନ କଲେ ବିଚାର;
ତୁଳାପଟେ ବସିଗଲେ ସ୍ୱମାଂସ ସହିତ,
କ୍ଷୁଧାର୍ତ୍ତ ସଞ୍ଚାଣ ଦେଖି ଅତି ଆଚମ୍ବିତ ।
ଜୀବନରେ କରିବାକୁ ପ୍ରତ୍ୟକ୍ଷ ପରୀକ୍ଷା,
ଇନ୍ଦ୍ର, ଅଗ୍ନି ବହିଥିଲେ ଏହି କୂଟ ଦୀକ୍ଷା ।
ସେ ପରୀକ୍ଷା କ୍ଷେତ୍ରେ ଇନ୍ଦ୍ର ହେଲେ ପରାଭୂତ,
ଲଭିଲେ ବିଜୟ ଠିକେ ଯଦୁକୁଳ ସୁତ ।
ରାଜସଭା ଶିରେ ଇନ୍ଦ୍ର କରି ପୁଷ୍ପବୃଷ୍ଟି,
କହିଲେ, "ରାଜନ, ଆଜ ଧନ୍ୟ ହେଲା ସୃଷ୍ଟି ।
ଜାବେ ଏତେ ଦୟା ଆହା ବହିଛ ହୃଦୟେ !
ପରପ୍ରାଣ ରଖୁଅଛ ନିଜ ଜୀବନମୟେ ।"

# କାଶିଆ କପିଳା ଭେଟ

ସୂର୍ଯ୍ୟ ବଂଶେ ତାର          ଜନ୍ମ ପିତା ନାମେ
ବଂଶ-ଗରିମା ସେ ରଖିଲ ନାହିଁ ?
ଦରିଦ୍ର ପୁଅ ତ          ଅଟଇ କପିଳା
ପର ଗୃହେ ଭୃତ୍ୟ ହୋଇଛି ଯାଇ ।
ଗୋଗୋଷ୍ଠ ଚରାଇ          ନିଏ ନିତି ପ୍ରାତେ,
ସନ୍ଧ୍ୟାଗମେ ପୁଣି ଫେରଇ ବାସେ;
କେତେ ଦୁଃଖ ପାଏ,          ମନୁଷ୍ୟ ଜନମେ
ସବେ ସେ ଅତଳ ସାଗରେ ଭାସେ ।
ଏକମାତ୍ର ଅଛି          ମୁନିବ ତନୟ
କାଶିଆ ସମାନ ବୟସ ତାର ;
ଗୋଗୋଷ୍ଠ ସେନ ତା          ଖୁଲଟନ୍ତ କପିଳା,
ଘରେ ରହିବାକୁ ମଣଇ ଭାର ।
କାଶିଆ କପିଳା          ଚଲ୍ ଚଢ଼ା ବନେ
ଗୋଗୋଷ୍ଠ ଚରାଇ ବୁଲନ୍ତି ଦୁହେଁ,
ଥୁରୁଥୁରୁ ଦେହେ          ପୁଷ ମାସ ଶୀତେ
ଜ୍ୟେଷ୍ଠ ଖରା ତାପେ ଶୁଖିଲ ମୁହେଁ ।
ବନ ବୁଢ଼ା କୋଳି          ତୋଳି ଏକୁ ଆନ
ଖୁଆଖୋଇ ମୁଖେ ଦୁଅନ୍ତି ବେନି;
ଡାଳପୁଆ ଖେଳେ          କାଟନ୍ତି ଦିବସ,
ଏକ ଆନ ଦୁଃଖ ହରନ୍ତେ ସେନି ।

ଦିନେ ଖରାବେଳେ                ବିଶ୍ରାନ୍ତ କପିଳା
    ନଦେ ଶୋଇଗଲା ପଡ଼ିଆ ଘାସେ;
କାଣିଆ ଜଗିଛି                ଟୋଟୋଗୋସ୍ତୁ ଏକାକୀ
    ସାଥୀ ତା ନିଶ୍ଚିନ୍ତେ ନିଦ୍ରିତ ପାଶେ ।
ସଘନେ ମାରଇ                ଘୁଙ୍ଗୁଡ଼ି କପିଳା,
    କାଣିଆ ଶ୍ରବଣେ ପଶଇ ଧ୍ୱନି;
କି ଭାବିଲା, ଭୁଲି                ଗୁହ୍ରିଁଲା କାଣିଆ,
    ଦେଖି ପାଟି ମାରିଗଲା ତା ଖାନ ।
ସାଥୀର ତା ପ୍ରାଣ                ଗୃଜିଯିବ ସତେ,
    ଜଳଜଳ ବସିଥିବ ସେ ଗୁହ୍ନିଁ;
ଉଠେ ପାଟି ଫେଇ                ଡାକ ବା ଦିଅନ୍ତା,
    ତେବେ, କଣ ଭଲେ ମିଳିବ ଶାନ୍ତି ?
ପାଞ୍ଚ ହାତ ଲମ୍ବ                କୋଳଥିଆ ନାଗ
    ମୁଣ୍ଡପାଖେ ଅଛି ବିସ୍ତାରି ଫଣା;
ବୁଦ୍ଧି ତା ନ ସ୍ଫୁରେ,                ନ ଦିଶଇ ବାଟ,
    ଆଖି ଥାଇ ହୋଇଯାଏ ସେ କଣା ।
'ଜଗନ୍ନାଥେ, ରଖ,'                ରଟଇ ସେ ମୁଖେ;
    ସାହା ଜଗନ୍ନାଥେ ହୋଇଲେ ସତେ,
ଫଣା ନୋଇଁ ନାଗ                ହୋଇଲା ଅନ୍ତର,
    ତଥାପି କାଣିଆ ନ ଯାଏ ପ୍ରତେ ।
କେତେବେଳେ କାଶୀ                ଉଠିଲା ସମୋତ୍ଥ;
    ଛୁନିଆ ତ ତାର ଯାଇଛି ଭାଜ,
କପିଳାକୁ ନହୁଁ                ଉଠାଇ କହିଲା,
    ଗୋଟିକ ଗୋଟି ସେ ଘଟଣାରାଜ ।

କହ୍ନ ସାର ଶେଷେ    ହସି ଯୋଡ଼ିଲା ସେ,
  "ତୁ ତ, ଭାଇ, ନିଶ୍ଚେ ହୋଇବୁ ରଜା;
ମୋତେ ଯେବେ ମନ୍ତ୍ରୀ    ପଦେ ନ ରଖିବୁ,
  ନ ପାଇବୁ ରାଜଗାଦିର ମଜା ।"
ଶୁଣି ଉତ୍ତରିଲା    କପିଳା ତକ୍ଷଣେ
  ସତେ ରଜା ଯେବେ ହୋଇବି ପରି,
"ଏ କି ଛାର କଥା !    ଜାଣିରଖ, ତୋତେ
  ଆଜ ମନ୍ତ୍ରୀ ପଦେ ନେଲି ମୁଁ ବରି ।"
ସେଦିନ ସାୟାହ୍ନେ    ନିତି ଦିନ ପ୍ରାୟେ
  ଗୋରୋଗୋଷ୍ଠ ଓଡ଼ାଇ ଫେରିଲେ ବାସେ
ରାଜା ମନ୍ତ୍ରୀ ଦେନ;    ଦିନ ବିତିଗଲା
  ସପ୍ତାହରୁ ପକ୍ଷ, ପକ୍ଷରୁ ମାସେ ।
ଗଙ୍ଗବଂଶ ନୃପ    ଯାଇଥିଲେ ଦିନେ
  ପ୍ରଭୁ ଜଗନ୍ନାଥ ଦର୍ଶନ ଲାଗି;
ଅପୁତ୍ରକ ସେ ତ    କୁଳରକ୍ଷାପାଇଁ
  ପ୍ରଣମିଲେ ପୁତ୍ରସନ୍ତାନ ମାଗି ।
ଉଠନ୍ତେ ଦେଖିଲେ,    ହସହସ ମୁଖେ
  ପାଶେ ଉଭା ତହିଁ ବାଳକ କାହ୍ନି;
ଚିତ୍ତେ ବିଚାରିଲେ,    "ଗୁହାରି ଶୁଣି ମୋ
  ପ୍ରଭୁ ସତେ ଦେଲେ ଏ ମହାବାହୁ ।"
ପୁଚ୍ଛିଲେ ନାମ ତା    କୁଳ ଗୋତ୍ର ଆଦି
  ନିଃଶଙ୍କେ କପିଳା କହିଲା ସବୁ;
ନିଜ ପାଶେ ଡାକି    ରାଜଯାନେ ଘେନି
  ଫେରିଲେ ନଗରେ ଉତ୍କଳପ୍ରଭୁ ।

କାଣିଆ ଭବିଷ୍ୟ ବାଣୀ ହେଲା ସତ
କପିଳା ଉତ୍କଳେ ହୋଇଲା ରଜା;
କପିଳେନ୍ଦ୍ର ଦେବ ନାମ ପ୍ରକଟିଲା,
ପ୍ରସନ୍ନ ହୋଇଲେ ଯାଇକ ପ୍ରଜା ।
ଏଣେ ଏତେ ଦିନ ସାଥୀର ବିଚ୍ଛେଦେ
କାଣିଆର ନାହିଁ ବୁଝୁଇ ପେଟ;
କେତେ ତ ଭାଳନ୍ତି, ନୈରାଶ୍ୟେ କହନ୍ତି,
ଆଜି କି କାଣିଆ କପିଳା ଭେଟ ?"
ତଥାପି ସେ ରାଜ- ସଭାମଧ୍ୟେ ଯାଇ
କି ସାହସେ ଉଚ୍ଚ ହୋଇଲା ଖଣେ;
ଦେଖି କପିଳେନ୍ଦ୍ର ଚିହ୍ନିଲେ ତୁରିତେ;
ପୂର୍ବ କଥାମାନ ପଡ଼ିଲା ମନେ ।
ମନ୍ତ୍ରୀପଦେ କାଣୀ ବସିଲା ସେଦିନ;
ବନ୍ଧା ହେଲା ବଡ଼ ଦେଉଳେ ନେତ,
ତଥାପି କଥାରେ କହୁଛନ୍ତି ଲୋକେ,
"ଆଜି କି କାଣିଆ କପିଳା ଭେଟ ?"

# ଆହା ମୋର ଗଣ୍ଠି ଧନ !

ଯାଇଅଛୁ ସ୍ଥୂଳ ତେଜି ଏ ମର୍ତ୍ତ୍ୟ କାଶିଆ,
ସ୍ୱର୍ଗେ ତ ନ ଥିବ ଯାଇ ଦରିଦ୍ର ମୁଲିଆ ।
ମୁଣ୍ଡ ଝାଳ ତୁଣ୍ଡେ ମାରି ଖଟି ନିତି ସେହୁ,
ସେଲାଗି ଆତ୍ମା ତା ଥିଲା ନ ପଳାଇ ଦେହୁଁ ।
ରୋଗେ ପଡ଼ି ନ କାଢ଼ିଲା ଗୋଡ଼ କେତେ ଦିନ,
ପଥ୍ୟ ବିନା କାୟା ତାର କ୍ରମେ ହେଲା କ୍ଷୀଣ ।
ଘରୁ ବାହାରିବ କେମନ୍ତେ ତା ଭରସା-ପିଲା,
ଭଲ ଘର ବୋହୂ ପରି ହେଲେହେଁ ନଥିଲା ।
ଦ୍ୱିଷ୍ଟେପ୍ସୁ, ଗରଭେ ଯେଣୁ ଧରିଛୁ ସନ୍ତାନ,
ତା ନିଜ ଭରି ତ ତାକୁ ହେଉଅଛି ଟାଣ ।
କଣା ଗର୍ଭୁଁ ଜନ୍ମି ଶିଶୁ କାନ୍ଦେ କୁଆଁ କୁଆଁ ;
କାଶିଆ ଶ୍ରବଣେ ଗୀତି ସୃଷ୍ଟି କରେ ନୂଆ ।
ହରଷେ ଖେଳିଲା କ୍ଷଣେ ହସ ତା ଲପନେ,
ଶୋଇବାର ଆଗୁଁ ସେହୁ ଅନନ୍ତ ଶୟନେ ।
ମର୍ତ୍ତ୍ୟ ଲୀଳା ସରିଗଲା ସେ ମୁହୂର୍ତ୍ତେ ତାର,
କଣା ମୁଣ୍ଡେ ପଡ଼ିଲା କି ବିଧାତା ପ୍ରହାର !
ଅଜ୍ଞାନ ଶିଶୁରେ ଚୁମ୍ବି କହିଲା ସେ କାନ୍ଦି,
“ଧନ ତୁ, ରଖିଲୁ ମୋତେ ଏ ମରତେ ବାନ୍ଧି ।
ନୋହିଲେ ମୁଁ ଆଶ୍ରିଆନ୍ତି ତାହା ପଛସଙ୍ଗ,
ନ ଧରି ମୁହୂର୍ତ୍ତେ ଆଉ ଏ ଜୀବ ଦୁର୍ବହ ।”

ଲୁଚିଗଲା କାଶିଆର ସଖା ଚିତାନଳେ,
ଅପତ୍ୟ ଲାଳନେ ନଣା ବ୍ୟସ୍ତ ମହୀତଳେ ।
ପର ଦ୍ୱାରେ ଖଟି ଧନ ଅର୍ଜେ ଯା ଅଳପ,
ତହିଁ ତା ଆଦରେ ଭୋଜ୍ୟ, ବିରଚେ ତଳପ ।
ବଧି ସେ ଝଞ୍ଜିରୁ ମର୍ତ୍ତ୍ୟେ ବିବାହ-ସୁମନ,
ସନ୍ତାନ ତା ପୁଣ୍ୟଫଳ ଲଭଇ ଭୁବନ ।
ତା ଯୋଗେ ସମ୍ଭବେ ଭବେ ଯୁଗ ପରମ୍ପରା,
ନ ପାରେ ପରଶି ବଂଶେ ଜ୍ୱର ମୃତ୍ୟୁ ଜରା ।
ଶିଶୁରୁ ମାନବ ଗଢି ପାଳେ ସ୍ନେହେ ପ୍ରାଣୀ;
ନ ବୁଝିପାରଇ ମୂର୍ଖ, ବୁଝୁଥିବେ ଜ୍ଞାନୀ ।
ଖଟି ଦିନେ ଦିନସାରା ଫେରେ ନଣା ଘରେ,
କୋଳର ଶିଶୁ ତା ଭୋକେ କାନ୍ଦୁଥିବ ଘରେ ।
ସେ ଗଲେ ତ ମୁଖେ ତାର ବସି ଦେବ ସ୍ତନ,
ଶୁଖିଲା ଅଧରେ ଥରେ ଚୁମ୍ବିବ ବଦନ ।
ବାଟେ ଯାଉଥିଲା ଗର୍ବେ କା ମୋଟର ଗାଡ଼ି,
ବେଗ କି କମେ ତା ? ଗଲା ନଣା-ଅଙ୍ଗେ ମାଡ଼ି ।
'ଆହା ମୋର ଗଣ୍ଡିଧନ !' ଶେଷ ପଦ କଥା,
କହୁଁତୁ ସେ, ଘୋଟିଗଲା ଶିର ନିରବତା ।
ଶବ ତା ଉଠାଇ ନେଲେ ପୁର ମେଡ଼ିକାଲରେ,
କେ ଜାଣେ, ଶିଶୁଟି କିସ କରୁଥିବ ଘରେ !

# ପଦରଜ ମାତ୍ର

ପୌଷ ଶୀତେ ଜଡ଼ୀଭୂତ ସରସୀ ତଡ଼ାଗେ
  ପଦ୍ମଲତା ହୋଇଅଛି ଜୃର,
ବନେ ଉପବନେ ଫୁଲ ସାରା ଧରାପୃଷ୍ଠେ
  ତରୁଡାଳେ ନଦିଶେ ପ୍ରଚୁର ।
ସେ ଲାଗି ଫୁଲର ମୂଲ୍ୟ ଲଭିଅଛି ବୃଦ୍ଧି,
  'ଫୁଲ ଫୁଲ' ଶୁଭେ ଶତ ମୁଖେ;
ସ୍ୱଳ୍ପ ଫୁଲେ ବହୁ ଅର୍ଥ ଅର୍ଜି ମାଳାକାରେ
  ଶୀତଋତୁ ଯାପୁଛନ୍ତି ସୁଖେ ।
କେ ସୁଦନ ଶ୍ରମିକ ବାଡ ବାମ୍ପୀ ଅଳ୍ପ ଜଳେ
  ଅଯତନକେ ଫୁଟିଲା କମଳ;
ବହୁ ମୂଲ୍ୟେ ଏକ ତାକୁ କିଣିବ ସେ ଅନ୍ଧ,
  ହୃପ୍ରସନ୍ନ ଶ୍ରମିକ ଅନ୍ତର ।
ତୋଳି ପଦ୍ମକଳି ଚଳି ଶ୍ରମିକ ନଗରେ,
  କରେ ନଥି ଧରିଛି ଯତନେ;
ଦେଖି କେ ବଣିକ ପୁଚ୍ଛେ, "ଏକକୁ ତ ଫୁଲ ?
  କେତେ ମୂଲ୍ୟ ବତାଅ ବଦନେ ।

"ମାଣବସା ଗୁରୁବାର ଆଜ ତ ଜାଣିଛୁ
   ଲକ୍ଷ୍ମୀପାଦେ ଚଢ଼ାଇବ ଫୁଲ;
"ପଦ୍ମାଳୟା ନାମ ହେବ ସାର୍ଥକ; ବଢ଼ାଅ,
   ମନ ତୋଷି ଦେବି ମୁହିଁ ମୂଲ ।"
'ଦରିଦ୍ର ମୂଲିଆ ମୁହିଁ ମରେ ଅନ୍ନ ବିନା",
   ହୃଷ୍ଟ ଚିତ୍ତେ ଉତ୍ତରେ ଶ୍ରମିକ;
"ଟଙ୍କାଟିଏ ପାଇଗଲେ, ବଢ଼ାଇବି ଫୁଲ,
   ପେଟ ବୁଝି ଦିଅ ମୂଲଟିକ ।"
ଟଙ୍କା ଆଣି ଦେବାପାଇଁ ଧରନ୍ତି ବଣିକ,
   ଶ୍ରମିକ ତା ପତାଉଛି ହାତ;
ଗଳି ବାଙ୍କୁ ବାହାରିଲା ମହା ଶୋଭାଯାତ୍ରା,
   ଲୋକାରଣ୍ୟ ପୂରିଅଛି ବାଟ ।
ନୃମଣି ପ୍ରତାପରୁଦ୍ର ଚଳିଛନ୍ତି ପାଦେ
   ଶ୍ରୀଚୈତନ୍ୟଦେବେ ଭେଟିବାକୁ;
କୀର୍ତ୍ତନେ ମୃଦଙ୍ଗ ବାଦ୍ୟେ କମ୍ପେ ନୀଳାଚଳ,
   କାହା କଥା ନଶୁଭେ କାହାକୁ ।
ଫୁଲ କିଣାବିକା ଗଲା ଥକି ସେ କାରଣେ;
   ନରମଣି ଜପଗତ ପ୍ରାଣେ,
ଅକାଳ କମଳ ଦେଖି, ତୋଷେ ପଚାରିଲେ;
   "ଆଣିଛ କି ବିକିବା ସକାଶେ ?
ଉତ୍ତରେ ଶ୍ରମିକ କହେ,"ଏହି ମହାଜନ
   ଟଙ୍କାଟିଏ କରିଛନ୍ତି ମୂଲ"
ଭାଷନ୍ତି ନୃପତି, "ଏକ ସୁବର୍ଣ୍ଣ ମୋହର
   ଦେଇ, ମୁହିଁ ନେବି ଏହି ଫୁଲ ।

“ମହାପ୍ରଭୁ ଚୈତନ୍ୟ ଯେ ହୋଇଛନ୍ତି ବଙ୍ଗେ,
ତାଙ୍କ ଯୋଗ୍ୟ ସୁମନ ଏ ସିନା,
ଦେଖି ଏହା ପଥେ, ତାଙ୍କ ଶ୍ରୀଚରଣତଳେ
କେମନ୍ତେ ମୁଁ ଦିବ ଫୁଲ ବିନା ?”
ବଣିକ ହସ୍ତରେ, ପଦ୍ମ ଛାଡ଼ିଦେଲେ ହାତୁଁ,
ପଦ୍ମାଳୟା ହୋଇବେ ସମୁଖ;
ଭଣ୍ଡାରୁ ତା ଧନରତ୍ନ ଦିବ ତ ଉଖାଇ,
ଦେଇ ତାକୁ ଦରିଦ୍ରତା ଦୁଃଖ ।
ଯାଚଇ ତହୁଁ ସେ ଉଦ୍ଧା ଦୁଇ ସ୍ୱର୍ଣ୍ଣ ମୁଦ୍ରା,
ଶ୍ରମିକ ତା ବଢ଼ାଇଲା କର;
ପଞ୍ଚ ସ୍ୱର୍ଣ୍ଣ ମୁଦ୍ରା ନୃପ କାଢ଼ିଲେ ତୁରିତେ,
ଆଚମ୍ବିତ ଶ୍ରମିକ ଅନ୍ତର ।
କହିଲ ସେ, “ହେ ମଣିମା, ନୁହଇ ମୁଁ ମାଳୀ,
ଫୁଲ ବିକା ନୁହେଁ ମୋ ବ୍ୟବସା;
ଦେଖନ୍ତୁ ଅମୂଲ୍ୟ ମୋର ଏ ପଦ୍ମ ଫୁଲଟି,
ପାଇବି କି ବିକ ମୁଁ ପ୍ରଶଂସା ?”
ବିନା ପଦ୍ମେ ପଦ୍ମାଳୟା ଅର୍ଚ୍ଚିଲ ବଣିକ,
ନରମଣି ଗଲେ ଖାଲି ହାତେ,
ଗମିଲା ସେ ସୁପ୍ରସନ୍ନ ଦରିଦ୍ର ଶ୍ରମିକ
ରାଜଥାଟ ପଛେ ଚାଲି ବାଟେ ।
ମନେ ଭାବେ, “ଏ ସନ୍ନ୍ୟାସୀ ଲକ୍ଷ୍ମୀଠାରୁ ବଡ଼;
ଲକ୍ଷ୍ମୀଛଡ଼ା ହୋଇଛିତ ମୁହିଁ,
ଦେଖିବ ଭାଗ୍ୟେ କି ଫଳେ, ଦେଲେ ପଦ୍ମ ଭେଟି
ସନ୍ନ୍ୟାସୀଙ୍କ ଶ୍ରୀପଦ୍ମର ଛୁଇଁ ।”

ଶତ ନତ ଭକ୍ତ ମେଳେ ଆସୀନ ଚୈତନ୍ୟ
   ଭକ୍ତିମାର୍ଗ କରନ୍ତି ପ୍ରଚାର;
ବାହୁଳେ କେ ଲୋଟେ ତଳେ, କେ କରେ କୀର୍ତ୍ତନ,
   କାହା ନେତ୍ରୁ ଝରେ ଅଶ୍ରୁଧାର ।
ଦରିଦ୍ର ଶ୍ରମିକ ଦେଖି କି ଅବା ବୁଝିଲା,
   ହୋଇଲେ ପ୍ରେମେ ଅଭିଭୂତ;
ରକ୍ତ ମାଂସ ଘଟେ ତାର ସେ ଦିବ୍ୟ ମୁହୂର୍ତ୍ତେ
   ଭାବାନ୍ତର ଖେଳିଗଲା ଦ୍ରୁତ ।
ଉତ୍କଳ-ନୃମଣି ପାଶେ ବସିଥାନ୍ତି ଯାଇ;
   ମଣି ନିଜେ କୃତାର୍ଥ ଦର୍ଶନେ;
ଜନତା-ଗହଳ ଭେଦି ଆସିଲା ଶ୍ରମିକ
   ପଡ଼ୁ ଗୋଟି ପ୍ରଭୁଙ୍କ ଚରଣେ ।
ଖୁସି ପ୍ରଭୁ ଶ୍ରୀଚୈତନ୍ୟ ପୁଛିଲେ ଝଟିତି,
   "କହ, ଭାଇ, କି ଲୋଡ଼ା ତୁମର ?"
"ପଦରଜ ମାତ୍ର ମୁହିଁ ମାଗୁଛି ସମ୍ପଦ,"
   ଅବହେଳେ ଶୁଣିଲେ ଉତ୍ତର ।

# ସାନ୍ଧ୍ୟତାରା

ପ୍ରତୀଚୀ ଭୂଧର ପଛେ ଲୁଚିଲେ ତପନ,
ସୁନ୍ଦର ପାଟଳେ ଶୋହେ ବାରୁଣୀ ଗଗନ;
ତେବେ ତା ଶାନ୍ତ କପୋଳେ,
ତୁହି, ସାନ୍ଧ୍ୟତାରା, ଏକା ତାରକା ସଭାରେ ।

ରବି ବୁଡ଼ିଗଲେ, ମର୍ତ୍ତ୍ୟ, ଘୋଟଇ ଅନ୍ଧାର;
ଘୁଞ୍ଚାଉ ତୁ ତାଳ ଜ୍ୟୋତି ଦୁଃଖ ଦୈନ୍ୟ ଭାର;
ତୁହି ଅନ୍ତିମ ଭରସା,
ତୋ ବିନା ଏ ବିଶ୍ୱସାରା ଲଭନ୍ତା କି ଦଶା ?

ଦୀପାନ୍ୱିତ ନୁହେଁ ଖାଲି ଆକାଶ ତଳପ,
ନିରାଶ ହୃଦୟେ ଆଶା ଜଗାଉ କଳପ,
ରାତ୍ର ନିଶାଦେବୀ ଭାଲେ,
ସୀମନ୍ତିନୀ ଶୁଭ ଟୀକା ସତେ କି ସମ୍ଭାରେ !

ପ୍ରକୃତି ଉଦ୍ୟାନେ ତୁ କି କମଳ କଳିକା ?
ଅବା କେଉଁ ଦେବତାର ନୟନ ଚନ୍ଦ୍ରିକା ?
କେଉଁ ସୁରନାରୀ ମଣି ?
ଅବା କାହା ନେତ୍ର ଚ୍ୟୁତ ଅଶ୍ରୁ ବାରି କଣି ?

ଅବା ହବା ରବି ଶୂନ୍ୟ ଅଭ୍ର ମେଘ ପାଶେ,
ତୁ ଏକ ତ୍ରିଦିବ ଦୀପ ଜଳୁଛୁ ଆକାଶେ ?
କିବା ସୁରାସୁରଗଣ
ସମୁଦ୍ର ମନ୍ଥନୁ ତୋତେ ପାଇଛନ୍ତି ଧନ ?

ଯାହା ତୁ ହେଉ,ରେ ସାନ୍ଧ୍ୟତାରା, ଯାହାପ୍ରତି,
ତୁ ତ ମୋର ଏକମାତ୍ର ପରାଣ ସମ୍ପତ୍ତି;
ମୋର ନୀରସ ଜୀବନେ
ତୁ ଏକା ସଞ୍ଚାରୁ ରସ କଣିକା ଯତନେ ।

ଜୀବନୁ ଲିଭିବ ଯେବେ ମୋ ସୁଖ ଆଲୋକ,
ବ୍ୟଥିତେ ରହିଁବ ଶୂନ୍ୟେ ବନ୍ଧୁ ହୃଦେ ଶୋକ
ତେବେ ଆସୁ ଶେଷ କ୍ଷଣେ
ତୁହି, ସାନ୍ଧ୍ୟତାରା, ଉଇଁ ପ୍ଲାବିବୁ କିରଣେ ।

## 'ଘେନ ଏ ପୁସ୍ତକ'

ଅର୍ଦ୍ଧ ନିଶୀଥିନୀ
ନିଶା ଗର୍ଜନର
ନାହିଁ କାହିଁ ସ୍ୱର ଶବଦ,
ଶୀତଳ ପବନ
ବହଇ ହିଲ୍ଲୋଳେ
ନିଖିଳ ନଗରୀ ସ୍ତବଧ ।
ପୁରବାସୀ କାହା
ସଦନେ ନ ଦିଶେ
ଦୀପାଲୋକ ରେଖା ମୃଦୁଳ,
ପ୍ରତିବାସେ ରୁଦ୍ଧ
କବାଟ ନିବଡ଼େ
ଶୂନ୍ୟ ପଥ ଜନ-ବହୁଳ ।
ସମାଧି ମଗନ
ମୁନି ସମ ସତେ
ଆସୀନ ବିପୁଳ ନଗରୀ,
ଘନୀଭୂତ ଘୋର
ଅନ୍ଧକାରେ ଢଙ୍କେ
ରୂପ ଯେନ ଅମା ଶର୍ବରୀ ।
ଶିଶିର ରଜନୀ
ହିମ ଅନୁମାନି
ପଡ଼େ ଟପ ଟପ କାକର,
ଏ ଶ୍ରମ ନିଶୀଥେ
କିଏ ବା କାହିଁକି
କଷ୍ଟେଣି ଜାଳିବ ଜାଗର ?
ଛିନ୍ନ ବାସ ଖଣ୍ଡି
ନଅଣ୍ଟ ହୁଅଇ
ଅପଧନ ନାହିଁ ଯୋଡ଼ାଇ,
ଶୀତେ ଥରୁ ଥରୁ
କମ୍ପଇ ମାଧିଆ
ଚଳେ ଅନ୍ଧକାର ଏଡ଼ାଇ ।

ପ୍ରଭଦ୍ୱାରେ କ୍ଷଣେ
ଅଟକି ରହେ ସେ
ମୁଣ୍ଡ ଟେକି ଚୁହେଁ ପ୍ରାସାଦେ,
ସେ ସିନା ଜାଣଇ
ଦୀର୍ଘଶ୍ୱାସ ପେଲି
କ ବଗୃର ଚଳେ ହଷାଦେ ।
ଶୀତ ସତେ ଅବା
ନାହିଁ ଯାଏ ଜଣା
ଚିତ୍ତେ ତା ରହିଛି ଦୃଢ଼ତା,
ସ୍ୱର୍ଗ ବସୁନ୍ଧରା
ମଣୁଛି ସମାନ,
ନିଜ ଲାଗି ନାହିଁ ମମତା ।
ଚଳିଲା ମାଧିଆ
ଦୁଆରୁ ଦୁଆରେ
ଶେଷ ହେଲା ଆସି ନଗର,
କୁଟୀର-କବାଟ-
ସନ୍ଧରେ ଦିଶଇ
ଜଳବାର ଦୀପ ଉଜ୍ଜଳ ।
ଫାଟ କାଟେ ଧୀରେ
ନିରେଖିଲା ବାରେ
ବସି କେ ପ୍ରଶାନ୍ତ ମୂରତି,
ନିଦ୍ରା ନାହିଁ ନେତ୍ରେ
ଗମ୍ଭୀର ନିଶୀଥେ
ଲେଖନୀ ଚଳନ୍ତି ଝଟତି ।
ପାଖରେ ଅବଳା
ଶୋଇ କେ ରହିଛି
ହାତେ ଝଟକଇ ବଳପୁ
ସେ କୁଟୀ ସୁଷମା
ସେତିକି ସତେ ଅବା
ଶୋଭଇ ତା' ଲାଗି ନଳପୁ ।
ହାତ ଚଳଗଲେ
ଶୁଭେ ଚର ଚର
ହାତ ଥକେ ଯେବେ ସ୍ତବଧ,
ଉଭା ହୋଇ ଚାହିଁ
ରହିଲା ମାଧିଆ
ମୁଖୁଁ ନ ଫିଟଇ ଶବଦ ।

କୁଟୀର ଦୁଆର ଖଣ୍ଡ ଖଣ୍ଡ ଶୁଣି
ଉଠିଲେ ପ୍ରଶାନ୍ତ ମୂରତି,
'କିଏ ତୁମେ ବୃଦ୍ଧ, ଏ ଶୀତ ନିଶୀଥେ',
ପୃଚ୍ଛା କଲେ ଫେରି ତଡ଼ିତ ।
ମୁଖୁଁ ମାଧିଆର ନ ଫୁଟେ ବଚନ
ନୟନେ ଆକୁଳ ଗୁହାଣୀ,
ଯୁବା ହୃଦେ ଦୟା— ଉଦଧି ଉଚ୍ଛୁଳେ
ଆନ୍ଦୋଳିତ ଦେଖି ତା' ଠାଣି ।
କୁଟୀରେ ଚଳିଲ ମାନି ସେ ଇଙ୍ଗିତ
ନ ବସିଲ କୁଶ-ଆସନେ,
ଭାଷିଲ ଦଇନେ — "ମୁଁ ଅଛୁଆଁ ଜନ
ବସିବି ଛୁଇଁ ବା କେସନେ ?
ତନ ଓଳ ହେଲ ପୁଅ, ଝିଅ, ଭାର୍ଯ୍ୟା
ରହିଛୁ ସକଳ ଉପାସେ,
ଜର ଯୋଗୁ କାମେ ଯାଇନି ଖଟି ତ,
ଖୁଦ କଣି ନାହିଁ ଆବାସେ ।"
କି ଭାବିଲେ ଯୁବା ବୃଦ୍ଧେ ଏଣେ ତେଣେ
ଚେଳକଲେ ନିବଡ଼େ ନିଶ୍ୱାସ,
ନ ବଣିଲ ବୁଝି ଦୟା ନିରବଧି
କି ଦେବେ ସେ ଜନେ ଆଶ୍ୱାସ
ବାଣୀ ସୁଭାଷିତ ଲଭିଛନ୍ତି ସିନା
ରମା ସିନା ନିଜ ଘରଣୀ,
ନିଜେ ତ ଦରିଦ୍ର ଧନ ଜନ କରେ
ଭରିଦେବେ କିସ ସେ ଗଣି ?

ଆଖି ପିଛୁଳାକେ ନୟନେ ନାଶଲ୍
ସୀମନ୍ତିନୀ ହେମ କଙ୍କଣ,
ଧୀରେ କାଢ଼ି କରେ ଦେଲେ, ମାଧିଆରେ
ଦେହେ ଖେଳଗଲ୍ କମ୍ପନ ।
ରମଣୀ ରତନ ନିଦ୍ରା ଗଲ୍ ଭାଜି
ନ ରହିଲେ କ୍ଷଣେ ଅଳସ,
ଆନ ପଟ୍ଟ କାଚ କାଢ଼ି ନିଜ ହାତୁ
ମାଧିଆରେ ଦେଲେ ରଭସ ।
ଭାଷିଲେ କୋମଳେ— "କି ଖିବବ କାଳେ,
ଅବା ହିତଶିଷ୍ଟ କଳ୍ପନା
ଅନୁମାନ ପତ୍ତ ପଟେ ମାଝ ଦେଲେ
'ଘେନ ଏ ପଟକ' ପ୍ରାର୍ଥନା ।
ମହାକବି-'ଭାସ' ନାଟକ ଲେଖକ
ଦାନ ଘେନ କରେ ସତ୍ତର,
ରମା ପଦେ ବନ୍ଦି ବିନମ୍ରେ ପ୍ରଣତି
ଚଳିଲ୍ ମାଧିଆ ମୁକର ।
ନବଢ଼ ନଣୀଥେ ଲୁଚିଗଲ୍ କାହ୍ନିଁ
ମାଧିଆ ଅଛୁଆଁ ଜାତିରେ,
ନ ଲୁଚିଲ୍ କଥା ଦେଶ ଗାଏ ଗାଥା
ସତ୍ୟ ଶୋଭେ ଢକା ଘିତରେ

ପଣ୍ଡିତ ରଘୁନାଥ ମିଶ୍ର

# ଧନର ଗତି

ଚତୁର୍ବେଦଧର ଆଚାର୍ଯ୍ୟ ସାୟଣ
ବିଜ୍ଞାନୀ ପଣ୍ଡିତ ବର
ଜ୍ଞାନ ଦୀପ ଜାଳି କରିଲେ ଉଜ୍ଜ୍ୱଳ
ଅନ୍ଧକାରମୟ ଧରା ।
ଅରଜିଲେ ବିଶ୍ୱେ ବିଶାଳ ପୌରୁଷ
ଲଭିଲେ ସାଧନା ସିଦ୍ଧି,
ଲେଖିଲେ ଆଚାର୍ଯ୍ୟ କଳା କଉତୁକେ
'ସୁଭାଷିତ ସୁଧାନିଧି' !
ସଂସ୍କୃତ ସାହିତ୍ୟ ଅମୂଲ୍ୟ ମଣି ଯେ
ଧନ୍ୟ କୃତିପଦ ତାର,
ଦେବୀ ବୀଣାପାଣି ବିପୁଳ ପୂଜାର
ସେ ଏକ ମହା ସମ୍ଭାର ।
ଲେଖିଛନ୍ତି ତହିଁ ଦି ଧାଡ଼ି ସାୟଣ
ଧନୀ ଧନ ବିଷ କରି,
ମୋ ଭଳି ଦରିଦ୍ର ଦାନ ଧ୍ୟାନ ଶିରେ
ଅଜାଡ଼ି ନିଖିଳ ଶିରୀ ।

---

'ତ୍ୟାଗଂ ଭୋଗଂ ଚ ବିନା ସତ୍ତ୍ୱମାତ୍ରେଣ ଯଦି ଧନିନଃ,
ବୟମପି କିମପି ନ ଧନିନଃ ? ତିଷ୍ଠତି ନଃ କାଞ୍ଚନୋ ମେରୁଃ ।'
'ସୁଭାଷିତ ସୁଧାନିଧି'—ସାୟଣାଚାର୍ଯ୍ୟ

ମୁଁ ଘନ ଦୁର୍ଭଗା ହୀନ ହତଭାଗା
ଲାଞ୍ଛନା ଥାପି ଏ ଶିରେ,
କନକ ମେରୁ ମୋ ରହିଛି ମଣିବ
ଅଛି ରତ୍ନ ଧରା ତଳେ ।
ବସୁନ୍ଧରା ଯେତେ ଧରିଛି ବିଭବ
ସେ ନିଖିଳ ସିନା ମୋର,
ଟେକି ଦୁଇ ବାହୁ କେଶରୀ ବନ୍ଧନେ
କରିବ ଗର୍ଜନ ଘୋର ।
ତ୍ୟାଗ ଅବା ଭୋଗ ଦୁଇ ଗତି ସିନା
ଏ ଧନା ତୃତୀୟ ଗତି
ନାହିଁ ଧନ ଭାଗ୍ୟେ ପରଖ ସୁଜନେ
ଏତିକି ତାର ନିସ୍ତୃତି ।
ଅଛି ବୋଲି ପାଖେ ସଞ୍ଚିତ ସମ୍ପଦେ
ଯେତୁ କରେ ଧନ ମାନ,
ସେ କମ୍ପା ଧନିକ ମୁଁ କମ୍ପା ନିର୍ଦ୍ଧନ
ଅଛି ମୋ ମେରୁ କାଞ୍ଚନ ।
ତ୍ୟାଗ ଭୋଗ ଯେତୁ ନ କରେ ଧନରେ
ସେହି ମାନେ ମଣେ ଧନୀ,
ଧିକ୍ ତାର ଜ୍ଞାନ ତା ମହତ ମାନ
ତାଙ୍କୁ କି ଧନିକେ ଗଣି !
ହେମ ମହା ମେରୁ ରହିଛି ଉତ୍ତରେ
କୁବେର ଭଣ୍ଡାର ମୋର,
ଧର୍ମ ଗନ୍ଧାଘର ଅଛି ଯେତେ ବିଶ୍ୱେ
ତା ସଙ୍ଗେ ତୁଳନା କା'ର ?

ବୃଥା ଗର୍ବ ନାହିଁ        କର ଧନବନ୍ତ
ଫୁଲାଇ ନ ସ୍ଥୂଳ ଗ୍ରୀବ,
ମେରୁ ସଙ୍ଗ ସମ        ହେବ କି ସୋରିଷ
ତୁଳନାରେ ଦେଲେ ଯାତି !
ତ୍ୟାଗ ହେତୁରେ ଅବା        ସରି ଯାଇପାରେ
ଧର୍ମର ଅତୁଳ ଶିକ୍ଷା,
ହେମ ମେରୁ ସୃଷ୍ଟି        କେତେ ବା ସରିବ
ନେଲେ ଯୁଗ ଯୁଗ ଧରି !
ଧନ୍ୟ, ତେଜ ଧନ        ଭୋଗରେ ଲଗାଅ
ସମ୍ପାଦ ନ ରଖ ଛଳେ,
ଭଣନ୍ତି ପ୍ରବୀଣ        ଆସୂର୍ଯ୍ୟ ସାପୁଣ
ଜ୍ଞାନ ଲବ୍ଧ ବୁଦ୍ଧି ବଳେ,

ପଣ୍ଡିତ ରଘୁନାଥ ମିଶ୍ର

# ବଡ଼ ଠାକୁର

ସତ ତୁମେ ଜଗତ-ଠାକୁର ?
ମାଳଚନ୍ଦେ ବାନା ଫର ଫର,
ଭକତେ ଅଭୟ ଦେଇ    ମେଲ ଡଉଁବାହା
ଅଗତିର ଗତି ତୁମେ,    ଅନାଥର ନାଥ, ନିରାଶ୍ରୟ ସାହା,
ଫେଇ ଚକାଡୋଳା,
ଦେଖ ଭବ-ମେଳା,
ବୋଲାଅ ଜଗତେ ତୁମେ ବାଞ୍ଛା-କଳ୍ପବଟ
ଦେଖନ ? ଭକତ    ହୁଏ କେତେ ଛଟପଟ ।

ଶବର ସେ କିବା ପୂଜା ଜାଣେ,
ଦେଖିଲା ସେ ନେତ୍ରେ ପ୍ରଭୁବଦନେ
ନ ଜାଣିଲା ଇନ୍ଦ୍ରଦ୍ୟୁମ୍ନ,        ନ ଦେଖିଲା ବିପ୍ର ବିଦ୍ୟାପତି,
ନ ଶୁଣିଲା ସେ ନୀଳମାଧବ    ନ କହିଲା ଅବା ତାର ମତି
ହୃଦେ ନନ୍ଦ ପ୍ରେମ
ଧାପ୍ରି ଧର୍ମ କ୍ଷେମ
ତୋଳିଲା ଉତ୍ତୁଙ୍ଗେ ଚୂଡ଼ା ଭୀମ ନରପତି
ପ୍ରେମମୂର୍ତ୍ତି ଶକ୍ତେ ରୁଦ୍ର ରଚିଲା ଆରତି ।

ଜ୍ଞାନ ଦୀପ ମହିମା ଭାସ୍କର
ଜଗଦ୍‌ଗୁରୁ ବାଳକ ଶଙ୍କର
ବସି ତୁମ ପିଠେ, ଗରଜିଲା ବେଦାନ୍ତ ଭାରତି;
ବଖାଣିଲା ତତ୍ତ୍ୱ ରାମାନୁଜ; ମାଧ୍ୱ କଲା ପ୍ରଖର ପିରତି;

ଖୋଲ କରତାଳେ,
ମହାମନ୍ତ୍ର ବୋଲେ
ନାଚିଲ ନିମାଇ ନିଜେ, ନଚାଇଲ ଜନେ,
ଯୁଗେ ଯୁଗେ କଳ୍ପତରୁ ଚିରବାଞ୍ଛା ତୁମେ ।

ଜଳ ଜଳ ନିରେଖେ ଶ୍ରୀପଦେ
ଛଳ ଛଳ କେବା ଅବସାଦେ
କଳ କଳ ଫୁଟେ କଣ୍ଠୁ କାର ସ୍ତୁତି ଗାନ
ରୁଦ୍ଧଶ୍ୱାସ କାର ଅବା, ଆନ୍ଦୋଳିତ କେହୁ, ମୁଖ କାର ମ୍ଳାନ
ଭାଷା ନାହିଁ ଫୁଟେ
ନିଶବ୍ଦେ ସ୍ତବ ଛୁଟେ
ପାଏ କି ପୁଲକ ଭକ୍ତ ଉଜ୍ଜ୍ୱଳ ନୟନ
'ସତ ତୁମେ' ? — ଚିତ୍ତେ କାର ଉଠେନି ପ୍ରଶନ ।

ଜାଳି ଦୀପ ଅନ୍ତରେ ବାହାରେ
ଖୋଜେ ନିତି ସତେ ମୁଁ କାହାରେ
ସେ କି ସତେ କଳ୍ପ ବଟ, କଳପ-ଲତିକା
କା' ପାଇଁ ଗୁନ୍ଥିଲ ବସି ଏ ମନ ଯୂଥିକା
ବାଞ୍ଛା କଳ୍ପତରୁ
ମୋ କଳ୍ପନା ପୂରୁ
ଏ ଜୀବନେ ପୂର୍ଣ୍ଣ ହେଉ ଅନନ୍ତ ଆମୋଦ
ଅବସାଦ ଘୁଞ୍ଚୁ ଦେବ, ଜାଗୁ ହୃଦେ ବୋଧ ।